ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୭ ଏପ୍ରିଲ୍, ୨୦୧୯



ଅନ୍ୟର କଲ୍ୟାଣ କରିବା ଠାରୁ ବଡ ଧର୍ମ କିଛି ନାହିଁ କି ଅନ୍ୟକୁ ପୀଡା ଦେବା ସମାନ ପାପ କିଛି ନାହିଁ।
- ଶ୍ରୀଚୈତନ୍ୟ



# ଏଇ ସପ୍ତାହର କାର୍ଯ୍ୟକ୍ରମ

## ୭।୪।୨୦୧୯(ରବିବାର)

### ଭୁବନେଶ୍ୱର
- ମା' ଭୁବନେଶ୍ୱରୀଙ୍କ ୫୦ତମ ନବଦିନାତ୍ମକ ପୂଜା, ମା'ଙ୍କ ପୀଠ, ଡି.ଏଲ୍. କଲୋନୀ, ବୀର ସୁରେନ୍ଦ୍ର ସାଏ ନଗର, ସକାଳ ୬ଟା ୩୦ରୁ ରାତି ୧୦ଟା ୩୦।
- ଶହୀଦ ନଗରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ, ବିଦ୍ୟାଳୟ ପରିସର, ସକାଳ ୭ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟ, କମ୍ପ୍ୟୁଟର ସାଇନ୍ସ ଏବଂ ଆପ୍ଲିକେଶନ୍ସ ବିଭାଗର ଦ୍ୱିତୀୟ ବାର୍ଷିକ ଟେକ୍ ଫେଷ୍ଟ୍, ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ, ସକାଳ ୯ଟାରୁ ଆରମ୍ଭ।
- ଆଉଟ୍ ସୋର୍ସିଂ, ଠିକା, ଏନ୍ଏମ୍ଆର, ୱାର୍କଚାର୍ଜ, ଡିଏଲ୍ଆର ଓ ଏଚ୍ଆର କର୍ମଚାରୀ ସାମ୍ମୁଖ୍ୟ(ଓଡ଼ିଶା କର୍ମଚାରୀ ସଂଗ୍ରାମ ସମିତି) ପକ୍ଷରୁ ରାଜ୍ୟସ୍ତରୀୟ କନ୍ଭେନଶନ, ଉତ୍କଳ ସାମ୍ବାଦିକ ଭବନ, ୟୁନିଟ-୩, ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ ଅନୁଷ୍ଠାନ ସ୍ୱାଗତିକାର ୩୯ତମ ଜାତୀୟସ୍ତରୀୟ ଶିଶୁ ଯୁବ ମହୋତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, କ୍ୟାମ୍ପସ୍ ପରିସର, ତପୋବନ, ଖଣ୍ଡଗିରି, ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା।
- ହେଲ୍ଥ ରାଇଟ୍ସ କ୍ୟାମ୍ପେନ ଗ୍ରୁପ ପକ୍ଷରୁ ହେଲ୍ଥ ରାଇଟ କ୍ୟାମ୍ପେନ, ହୋଟେଲ ଶୃପ୍ତି, ୟୁନିଟ-୪, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଫ୍ୟାଶନ ଭିଲା ପକ୍ଷରୁ ଓଡ଼ିଶା ଜୁନିୟର ଟପ୍ ମଡେଲ୍ସ, ରିଜିଓନାଲ କଲେଜ ଅଫ ମ୍ୟାନେଜମେଣ୍ଟ, ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା।
- ସାରସ୍ୱତ ସମାଜ, ଓଡ଼ିଶା ପକ୍ଷରୁ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ଗୋଦାବରୀଶ ସାହିତ୍ୟ ସଂସଦ, ୟୁନିଟ-୩, ସନ୍ଧ୍ୟା ୬ଟା।
- ଭକ୍ତକବି ମଧୁସୂଦନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୫ତମ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, ଡୁମୁଡୁମା, ସନ୍ଧ୍ୟା ୬ଟା।
- ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଶ୍ରୀଜଗନ୍ନାଥ କଥାମୃତ, ଗୀରି ଦୁର୍ଗା ମନ୍ଦିର, ୟୁନିଟ-୩, ସନ୍ଧ୍ୟା ୬ଟା ୩୦।
- ଆର୍ଟ ଭିଜନ ଏବଂ ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ମିଳିତ ଆନୁକୂଲ୍ୟରେ କେଳୁଚରଣ ମହାପାତ୍ରଙ୍କ ୧୫ତମ ଶ୍ରାଦ୍ଧଦିବସ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

### ପୁରୀ
- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

### କୋଣାର୍କ
- ଭେଙ୍କେଟେଶ୍ୱର ସ୍କୁଲର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ଅପରାହ୍ନ ୫ଟା।

### ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ ଓ ସାନ୍ଧ୍ୟ ପ୍ରବଚନ ଜ୍ଞାନ ଯଜ୍ଞରେ ଶିବଧନୁ ଭଗ୍ନ, ସିତା ବିବାହ ଓ ପର୍ଶୁରାମ ଭେଟ ପ୍ରବଚନ , ଶ୍ରୀ ଶ୍ରୀ ମହାବୀର ଓ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ଗୁରୁଜଙ୍ଗ, ସନ୍ଧ୍ୟା ୮ଟା।

### ବାଲିଅନ୍ତା
- ଭଗବତ ମେଳନ ଉପଲକ୍ଷେ ନାଟକ ପରିବେଷଣ, ପାହାଳ ନିକଟ ନୂଆପାଟଣା, ମା' ଜାଗୁଲାଇ ପୀଠ, ରାତି ୧୨ଟା।

## ୮।୪।୨୦୧୯(ସୋମବାର)

### ଭୁବନେଶ୍ୱର
- ମା' ଭୁବନେଶ୍ୱରୀଙ୍କ ୫୦ତମ ନବଦିନାତ୍ମକ ପୂଜା, ମା'ଙ୍କ ପୀଠ, ଡି.ଏଲ୍. କଲୋନୀ, ବୀର ସୁରେନ୍ଦ୍ର ସାଏ ନଗର, ସକାଳ ୬ଟା ୩୦ରୁ ରାତି ୧୦ଟା ୩୦।
- ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, କ୍ୟାମ୍ପସ୍ ପରିସର, ତପୋବନ, ଖଣ୍ଡଗିରି, ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା।

### ପୁରୀ
- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

### ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ ଓ ସାନ୍ଧ୍ୟ ପ୍ରବଚନ ଜ୍ଞାନ ଯଜ୍ଞରେ ଶ୍ରୀରାମଙ୍କ ବନ ଗମନ ଓ କୈବର୍ତ୍ତ ପ୍ରସଙ୍ଗ ପ୍ରବଚନ, ଶ୍ରୀ ଶ୍ରୀ ମହାବୀର ଓ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ଗୁରୁଜଙ୍ଗ, ସନ୍ଧ୍ୟା ୮ଟା।

## ୯।୪।୨୦୧୯(ମଙ୍ଗଳବାର)

### ଭୁବନେଶ୍ୱର
- ମା' ଭୁବନେଶ୍ୱରୀଙ୍କ ୫୦ତମ ନବଦିନାତ୍ମକ ପୂଜା, ମା'ଙ୍କ ପୀଠ, ଡି.ଏଲ୍. କଲୋନୀ, ବୀର ସୁରେନ୍ଦ୍ର ସାଏ ନଗର, ସକାଳ ୬ଟା ୩୦ରୁ ରାତି ୧୦ଟା ୩୦।
- ୟୁନିଟ-୩ସ୍ଥିତ ଡ.ଅଭିନ ଚନ୍ଦ୍ର ହୋମିଓପାଥି ମେଡିକାଲ କଲେଜର ଛାତ୍ର ସଂଘର ବାର୍ଷିକ ଉତ୍ସବ, କଲେଜ ଅଡିଟୋରିୟମ ହଲ, ପୂର୍ବାହ୍ନ ୧୦ଟା।
- ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, କ୍ୟାମ୍ପସ୍ ପରିସର, ତପୋବନ, ଖଣ୍ଡଗିରି, ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା।
- ବଡ଼ଗଡ଼ ବ୍ରୀଟ କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, ଅପରାହ୍ନ ୫ଟା ୩୦।

### କଟକ
- ଇଣ୍ଡିଆନ୍ କାଉନସିଲ ଫର କଲଚରାଲ ରିଲେସ୍ନ(ଆଇସିସିଆର୍) ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଇସିସିଆର୍‌ର ପ୍ରତିଷ୍ଠା ଦିବସ, ରେଭେନ୍ସା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, କନଭେନଶନ ସେଣ୍ଟର, ସନ୍ଧ୍ୟା ୬ଟା।

### ପୁରୀ
- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

### ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ ଓ ସାନ୍ଧ୍ୟ ପ୍ରବଚନ ଜ୍ଞାନ ଯଜ୍ଞରେ ଦଶରଥଙ୍କର ସ୍ୱର୍ଗାରୋହଣ ଓ ଭରତଙ୍କର ଚିତ୍ରକୂଟ ଗମନ ପ୍ରବଚନ, ଶ୍ରୀ ଶ୍ରୀ ମହାବୀର ଓ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ ଗୁରୁଜଙ୍ଗ, ସନ୍ଧ୍ୟା ୮ଟା।

### ବାଲିଅନ୍ତା
- ସରସ୍ୱତୀ ଶିକ୍ଷା ମନ୍ଦିରର ୧୭ତମ ବାର୍ଷିକ ଉତ୍ସବ, ନହରକଣ୍ଟା, ଅପରାହ୍ନ ୫ଟା।

## ୧୦।୪।୨୦୧୯(ବୁଧବାର)

### ଭୁବନେଶ୍ୱର
- ମା' ଭୁବନେଶ୍ୱରୀଙ୍କ ୫୦ତମ ନବଦିନାତ୍ମକ ପୂଜା, ମା'ଙ୍କ ପୀଠ, ଡି.ଏଲ୍. କଲୋନୀ, ବୀର ସୁରେନ୍ଦ୍ର ସାଏ ନଗର, ସକାଳ ୬ଟା ୩୦ରୁ ରାତି ୧୦ଟା ୩୦।
- ୟୁନିଟ-୩ସ୍ଥିତ ଡ.ଅଭିନ ଚନ୍ଦ୍ର ହୋମିଓପାଥି ମେଡିକାଲ କଲେଜର ଛାତ୍ର ସଂଘ ପକ୍ଷରୁ ବିଶ୍ୱ ହୋମିଓପାଥି ଦିବସ ଏବଂ ଡ.ସି.ଏଫ୍.ଏସ୍ ହାନେମାନ୍‌ଙ୍କ ୨୬୪ତମ ଜନ୍ମବାର୍ଷିକୀ ପାଳନ, କଲେଜ ଅଡିଟୋରିୟମ ହଲ, ପୂର୍ବାହ୍ନ ୧୦ଟା।
- ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, କ୍ୟାମ୍ପସ୍ ପରିସର, ତପୋବନ, ଖଣ୍ଡଗିରି, ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା।

### ପୁରୀ
- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

### ଖୋର୍ଦ୍ଧା
- ଫେରୱେଲ ସେରମେନି, ଖୋର୍ଦ୍ଧା ବ୍ଲକ, ପୂର୍ବାହ୍ନ ୯ଟା ୩୦।
- ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ ଓ ସାନ୍ଧ୍ୟ ପ୍ରବଚନ ଜ୍ଞାନ ଯଜ୍ଞରେ ଶ୍ରୀରାମ ଭରତ ମେଳଣ, ମାରିଚ ପ୍ରସଙ୍ଗ, ସୀତା ହରଣ ଓ ଜଟାୟୁ ପ୍ରସଙ୍ଗ ପ୍ରବଚନ , ଶ୍ରୀ ଶ୍ରୀ ମହାବୀର ଓ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ ଗୁରୁଜଙ୍ଗ, ସନ୍ଧ୍ୟା ୮ଟା।

## ୧୧।୪।୨୦୧୯(ଗୁରୁବାର)

### ଭୁବନେଶ୍ୱର
- ମା' ଭୁବନେଶ୍ୱରୀଙ୍କ ୫୦ତମ ନବଦିନାତ୍ମକ ପୂଜା, ମା'ଙ୍କ ପୀଠ, ଡି.ଏଲ୍. କଲୋନୀ, ବୀର ସୁରେନ୍ଦ୍ର ସାଏ ନଗର, ସକାଳ ୬ଟା ୩୦ରୁ ରାତି ୧୦ଟା ୩୦।

### ପୁରୀ
- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

### ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ ଓ ସାନ୍ଧ୍ୟ ପ୍ରବଚନ ଜ୍ଞାନ ଯଜ୍ଞରେ ଶବରୀ ପ୍ରସଙ୍ଗ, ଶ୍ରୀରାମ ହନୁମାନ ମିଳନ, ସୁଗ୍ରୀବ ମିତ୍ରତା ପ୍ରବଚନ, ଶ୍ରୀ ଶ୍ରୀ ମହାବୀର ଓ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ଗୁରୁଜଙ୍ଗ, ସନ୍ଧ୍ୟା ୮ଟା।

### ବାଲିଅନ୍ତା
- ୬ଷ୍ଠ ଜନ୍ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ଅଙ୍କୁରାଧିବାସ, ହଂସପାଳସ୍ଥିତ ବାଟ ମହାବୀର ମନ୍ଦିର, ରାତି ୭ଟା।

## ୧୨।୪।୨୦୧୯(ଶୁକ୍ରବାର)

### ଭୁବନେଶ୍ୱର
- ମା' ଭୁବନେଶ୍ୱରୀଙ୍କ ୫୦ତମ ନବଦିନାତ୍ମକ ପୂଜା, ମା'ଙ୍କ ପୀଠ, ଡି.ଏଲ୍. କଲୋନୀ, ବୀର ସୁରେନ୍ଦ୍ର ସାଏ ନଗର, ସକାଳ ୬ଟା ୩୦ରୁ ରାତି ୧୦ଟା ୩୦।
- ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ଶ୍ରୀ ଶ୍ରୀ ଶ୍ରୀ ସଙ୍କଟମୋଚନ ହନୁମାନ ଆଶ୍ରମ ପକ୍ଷରୁ ଶ୍ରୀ ରାମନବମୀ ଏବଂହନୁମାନ ଜୟନ୍ତୀ, ଆଶ୍ରମ ପରିସର, ମଧ୍ୟାହ୍ନ ୧୨ଟା।

### କଟକ
- ଝଙ୍କାରର ଜନ୍ମବାର୍ଷିକୀ ଏବଂ ପ୍ରଜାତନ୍ତ୍ର ପ୍ରଚାର ସମିତିର ବାର୍ଷିକ ସାରସ୍ୱତ ଉତ୍ସବର ଉଦ୍‌ଘାଟନୀ ଉତ୍ସବ, ପ୍ରଜାତନ୍ତ୍ର ପରିସର, ବିଷ୍ଣୁବ ମଣ୍ଡପ, ସନ୍ଧ୍ୟା ୬ଟା।

### ପୁରୀ
- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

### ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ ଓ ସାନ୍ଧ୍ୟ ପ୍ରବଚନ ଜ୍ଞାନ ଯଜ୍ଞରେ ଶବରୀ ପ୍ରସଙ୍ଗ, ଶ୍ରୀରାମ ହନୁମାନ ମିଳନ, ସୁଗ୍ରୀବ ମିତ୍ରତା ପ୍ରବଚନ, ଶ୍ରୀ ଶ୍ରୀ ମହାବୀର ଓ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ଗୁରୁଜଙ୍ଗ, ସନ୍ଧ୍ୟା ୮ଟା।

### ବାଲିଅନ୍ତା
- ୬ଷ୍ଠ ଜନ୍ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର କଳସ ଯାତ୍ରା ଓ ଅଗ୍ନିସ୍ଥାପନ, ଆହୁତି ପ୍ରଦାନ, ହଂସପାଳସ୍ଥିତ ବାଟ ମହାବୀର ମନ୍ଦିର, ପୂର୍ବାହ୍ନ ୧୦ଟା।

## ୧୩।୪।୨୦୧୯(ଶନିବାର)

### ଭୁବନେଶ୍ୱର
- ମା' ଭୁବନେଶ୍ୱରୀଙ୍କ ୫୦ତମ ନବଦିନାତ୍ମକ ପୂଜା, ମା'ଙ୍କ ପୀଠ, ଡି.ଏଲ୍. କଲୋନୀ, ବୀର ସୁରେନ୍ଦ୍ର ସାଏ ନଗର, ସକାଳ ୬ଟା ୩୦ରୁ ରାତି ୧୦ଟା ୩୦।
- ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ଶ୍ରୀ ଶ୍ରୀ ଶ୍ରୀ ସଙ୍କଟମୋଚନ ହନୁମାନ ଆଶ୍ରମ ପକ୍ଷରୁ ଶ୍ରୀ ରାମନବମୀ ଏବଂହନୁମାନ ଜୟନ୍ତୀ, ଆଶ୍ରମ ପରିସର, ମଧ୍ୟାହ୍ନ ୧୨ଟା।

### କଟକ
- ଝଙ୍କାରର ଜନ୍ମବାର୍ଷିକୀ ଏବଂ ପ୍ରଜାତନ୍ତ୍ର ପ୍ରଚାର ସମିତିର ବାର୍ଷିକ ସାରସ୍ୱତ ଉତ୍ସବ, ପ୍ରଜାତନ୍ତ୍ର ପରିସର, ବିଷ୍ଣୁବ ମଣ୍ଡପ, ସକାଳ ୯ଟାରୁ ରାତି ୮ଟା।

### ଖୋର୍ଦ୍ଧା
- ଊନବିଂଶତମ ବାର୍ଷିକ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ମହାଯଜ୍ଞରର ଅଧ୍ୟାମରମ୍ଭ ଦିବସରେ ଜଳଯାତ୍ରା ଓ କଳଶ ଶୋଭାଯାତ୍ରା, ଶ୍ରୀ ଶ୍ରୀ ସଙ୍କଟ ମୋଚନ ମହାବୀର ଦେବଙ୍କ ବିଜେସ୍ଥଳୀ ଜରିପୁଟ୍ ତନ୍ତ ମୁଣ୍ଡିଆ, ସକାଳ ୭ଟା।
- ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ ଓ ସାନ୍ଧ୍ୟ ପ୍ରବଚନ ଜ୍ଞାନ ଯଜ୍ଞରେ ଶବରୀ ପ୍ରସଙ୍ଗ, ଶ୍ରୀରାମ ହନୁମାନ ମିଳନ, ସୁଗ୍ରୀବ ମିତ୍ରତା ପ୍ରବଚନ, ଶ୍ରୀ ଶ୍ରୀ ମହାବୀର ଓ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ଗୁରୁଜଙ୍ଗ, ସନ୍ଧ୍ୟା ୮ଟା।

### ବାଲିଅନ୍ତା
- ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟପୂଜା ଓ ଚଣ୍ଡି ଆହୁତି, ହଂସପାଳ ବାଟ ମହାବୀର ମନ୍ଦିର, ସକାଳ ୮ଟା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com




ପାୟଲ



ପ୍ରିୟା



ବିଶ୍ୱଜିତ୍



ସତ୍ୟବାନ



ଲୋକନାଥ



ଗୁରୁ



ରାଜୀବ



ଦେବବ୍ରତ

**କଟକ ହାଜତ ମୃତ୍ୟୁ ଘଟଣା**

# ଦେହସାରା କ୍ଷତ ଚିହ୍ନ

## ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

**କଟକ ଅଫିସ, ୬।୪:** ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ବିଚାରାଧୀନ କଏଦୀଙ୍କ ଶନିବାର ପୂର୍ବାହ୍ନରେ ମୃତ୍ୟୁ ଘଟିଛି। ସେ ହେଲେ ପୁରୀଘାଟ ଥାନା ଅଧୀନ ତେଲେଙ୍ଗାବଜାର ଅଞ୍ଚଳର ଭରତ ମଣ୍ଡଳ(୨୬)। ପୋଲିସ ହେପାଜତରେ ଥାଇ ପ୍ରାଣ ହରାଇଛନ୍ତି ଏହି ଯୁବକ। ମୃତଦେହକୁ ଦେଖିଲେ ଯେ କେହି କହିପାରିବେ ତାଙ୍କୁ କେତେ ଅମାନୁଷିକ ଭାବେ ମାଡ଼ ମରାଯାଇଛି। ହେଲେ ପୋଲିସ ହାଜତରେ ନିସ୍ତୁକ ମାଡ଼ ମାରିବା ଯୋଗୁ ଭରତଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯେଉଁଥିରେ ଭରତ ମେଡିକାଲରେ ତଳେ ପଡ଼ିରହିଛନ୍ତି। ତାଙ୍କ ଦେହସାରା କ୍ଷତଚିହ୍ନ ଦେଖିବାକୁ ମିଳୁଥିଲାବେଳେ ପିଠିର ଅଧିକାଂଶ ସ୍ଥାନ ସମେତ ଛାତିରେ ମଧ ମାଡ଼ଚିହ୍ନ ରହିଥିଲା। ମୁହଁକୁ ମଧ ମାଡ଼ ମରାଯାଇଥିବା ସ୍ପଷ୍ଟ ଜଣାପଡୁଥିଲା।

### ସେଲୁନକୁ ଯାଉଛି କହି ଘରୁ ବାହାରିଥିଲେ

ଗତ ମାର୍ଚ୍ଚ ୨୪ ତାରିଖ ସନ୍ଧ୍ୟାରେ ଚୁଟି କାଟିବା କଥା କହି ଭରତ ଘରୁ ଯାଇଥିଲେ। ସେଲୁନରୁ ଘରକୁ ଶୀଘ୍ର ଫେରି ଆସିବା ସହ ଖାଇବା ରଖିବାକୁ ମଧ ପରିବାର ଲୋକଙ୍କୁ ଜଣାଇଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବା ସହ ତାଙ୍କୁ ପୋଲିସ ଗିରଫ କରିଛି ବୋଲି ପରିବାର ଲୋକଙ୍କୁ ଖବର ମିଳିଥିଲା।

### ମରିବା ପୂର୍ବରୁ କହୁଥିଲେ ଡିସିପି...ଡିସିପି

ମୃତ୍ୟୁ ପୂର୍ବରୁ ଭରତଙ୍କ ମୁହଁରେ କେବଳ ଗୋଟିଏ ଶବ୍ଦ ଶୁଣିବାକୁ ମିଳୁଥିଲା..ଡିସିପି.. ଡିସିପି। ହେଲେ ସେ ଡିସିପିଙ୍କ ସମ୍ପର୍କରେ କ'ଣ କହିବାକୁ ଚାହୁଁଥିଲେ ତାହା ସ୍ପଷ୍ଟ ହୋଇ ପାରିନାହିଁ। ପରିବାର ଲୋକ ତାଙ୍କୁ ଭେଟିବା ବେଳେ ସେ ବହୁକଷ୍ଟରେ କେବଳ ଡିସିପି ଡିସିପି ବୋଲି କହୁଥିବା ପରିବାର ଲୋକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



### ସାମିଲ ହେଲେ ଜନସାଧାରଣ

ଭରତଙ୍କୁ ନ୍ୟାୟଦେବା ପାଇଁ ସ୍ଥାନୀୟ ଜନସାଧାରଣ ମେଡିକାଲରେ ଏକ୍‌ଜୁଟ୍ ହୋଇଥିଲେ। ସେମାନେ ଭରତଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇବା ସହ ପୋଲିସର ଏଭଳି ଅମାନୁଷିକ କାର୍ଯ୍ୟକୁ ନିନ୍ଦା କରିଥିଲେ।

### ରାଜ୍ୟର ଜଣେ ପରିଚିତ କୁସ୍ତି ଖେଳାଳି ଥିଲେ

ଭରତ ରାଜ୍ୟର ଜଣେ ବେଶ ପରିଚିତ କୁସ୍ତି ଖେଳାଳି ଥିଲେ। ମଙ୍ଗଳାବାଗ ସ୍ଥିତ ଏକ ପ୍ରମୁଖ କୁସ୍ତି କ୍ଲବରେ ସେ ନାମୀଦାମୀ ଖେଳାଳିଭାବେ ପ୍ରସିଦ୍ଧି ଲାଭ କରିଥିଲେ। ଏପରି କି ସେ ସର୍ବଭାରତୀୟ ସ୍ତରୀୟ ଟୁର୍ନାମେଣ୍ଟରେ ମଧ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବା ସହ ଅନେକ ପଦକ ବିଜୟୀ ହୋଇଛନ୍ତି।

### ମେଡିକାଲରେ ପରିବାର ଲୋକଙ୍କୁ ଘଉଡ଼ାଇଲା ପୋଲିସ

ଭରତଙ୍କ ମୃତଦେହ ଦେଖିବା ପାଇଁ ପରିବାର ଲୋକ ଓ ସମ୍ପର୍କୀୟ ମେଡିକାଲକୁ ଯାଇଥିଲେ। ହେଲେ ସେଠାରେ ପୋଲିସର ରାଜୁତି ଦେଖିବାକୁ ମିଳିଥିଲା। ଭରତଙ୍କୁ ଦେଖିବା ପାଇଁ ଅନୁମତି ଦେଇ ନ ଥିଲା। ପୋଲିସ କର୍ଡନ ଭିତରେ ବ୍ୟବଚ୍ଛେଦ ଗୃହକୁ ଅକ୍ତିଆର କରି ରଖିଥିଲା, ଯାହାକୁ ନେଇ ମେଡ଼ିକାଲ ପରିସରରେ ଉତ୍ତେଜନା ମଧ ଦେଖାଦେଇଥିଲା।



### ପୋଷ୍ଟମର୍ଟମ ୱାର୍ଡ ସମ୍ମୁଖରେ ପରିବାର ଲୋକଙ୍କ ଧାରଣା

ଭରତଙ୍କ ମୃତଦେହ ଦେଖିବାକୁ ତାଙ୍କ ପରିବାର ଲୋକ ସକାଳୁ ରାତି ୧୦ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ହେଲେ ପୋଲିସ ମୃତଦେହ ପାଖକୁ ଯିବାକୁ ଅନୁମତି ଦେଇ ନ ଥିଲା। ଫଳରେ ରାତି ୧୦ଟାବେଳେ ଭରତଙ୍କ ପରିବାର ଲୋକ ପୋଷ୍ଟମର୍ଟମ ୱାର୍ଡ ସମ୍ମୁଖରେ ଧାରଣା ଦେଇଛନ୍ତି। ଭରତଙ୍କ ମା' ରୁନାଙ୍କ କହିବା ଅନୁଯାୟୀ, ସକାଳୁ ରାତି ଯାଏ ଅପେକ୍ଷା କରିବା ପରେ ମଧ ପୋଲିସ ତାଙ୍କୁ ପୁଅର ମୃତଦେହ ପାଖକୁ ଛାଡିନାହିଁ। ଏପରି କି ପୁଅର ଶବ ସତ୍କାର କରିବାକୁ ପୋଲିସ ଦେଉନାହିଁ। ଭରତଙ୍କ ମୃତଦେହକୁ ପୋଲିସ ପୁରୀ ସ୍ୱର୍ଗଦ୍ୱାରରେ ପୋଡିଦେବାକୁ କହୁଥିବା ରୁନା ଅଭିଯୋଗ କରିଛନ୍ତି। ତେଣୁ ପୁଅର ମୃତଦେହକୁ ତାଙ୍କୁ ହସ୍ତାନ୍ତର ନ କରିବା ପର୍ଯ୍ୟନ୍ତ ସେମାନେ ଧାରଣାରେ ବସିବେ ବୋଲି ରୁନା କହିଛନ୍ତି।



ଶ୍ରୀଲିଙ୍ଗରାଜ ରୁକୁଣା ରଥଯାତ୍ରା

# ରଥ ଚକରେ ଲାଗି ହେଲା କୁଡୁକା

**ପୁରୁଣା ଭୁବନେଶ୍ୱର, ୬। ୪(ଡି.ଏନ.ଏ.)** ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ରଥ ନିର୍ମାଣ ଚାଲିଛି। ଶନିବାର ଚାରିଚକରେ ପଞ୍ଝାଣ ହେବା ପରେ ଚାରୋଟି କୁଡୁକା ମଧ ବିଳମ୍ବିତ ରାତିରେ ଲାଗି ହୋଇଥିବା ଜଣାପଡିଛି। ଚଳିତବର୍ଷ ରଥର ୪ ନାହାକା ଓ ଦୁଇଟି ପାରେଶି ପରିବର୍ତ୍ତନ କରାଯାଇଛି। ମଝିରେ ଆଉ ୬ ଦିନ ଥିବାବେଳେ ଏହି ରଥ ନିର୍ମାଣ କାର୍ଯ୍ୟ ରାତିରେ ମଧ ହେଉଛି।

# ଗଞ୍ଜେଇ ଚାଷରେ ମାଓବାଦୀ ଲିଙ୍କ୍

## କନ୍ଧମାଳରୁ ୪.୮ କୁଇଣ୍ଟାଲ ଗଞ୍ଜେଇ ଜବତ, ଦୁଇ ଗିରଫ

- ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କଲା ଏସ୍‌ଟିଏଫ୍
- ଜଙ୍ଗଲ ବୁଲି ଖୋଜାଯାଉଛି ଗଞ୍ଜେଇ ଚାଷ

**ଭୁବନେଶ୍ୱର,୬।୪ (ବ୍ୟୁରୋ)** ମାଓବାଦୀ ଅଧ୍ୟୁଷିତ କନ୍ଧମାଳ ଜିଲାରେ ବେଧଡ଼କ ଭାବେ ଚାଲିଛି ଗଞ୍ଜେଇ ଚାଷ। ଗଞ୍ଜେଇ ମାଫିଆମାନେ ମାଓବାଦୀଙ୍କ ସହ ମିଶି ଏହି ଚାଷ ଓ ବ୍ୟବସାୟ କରୁଥିବାରୁ ସ୍ଥାନୀୟ ପୋଲିସ ଭୟରେ ସେପରି ଆଖିଦୃଶିଆ ପଦକ୍ଷେପ ନେଇପାରୁନି। ଗଞ୍ଜେଇ ଚାଷରୁ ମିଳୁଥିବା କୋଟି କୋଟି ଟଙ୍କାରୁ ଅଧା ମାଓବାଦୀଙ୍କ ପାଖକୁ ଯାଉଛି। ତେଣୁ ଜିଲାରେ ଗଞ୍ଜେଇ ଚାଷ ବନ୍ଦ ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏବେ ଜୋର୍‌ଦାର ଉଦ୍ୟମ ଚଳାଇଛି। ଏସ୍‌ଟିଏଫ୍‌ର ଦୁଇଟି ଟିମ୍ କନ୍ଧମାଳ ଅଞ୍ଚଳରେ ଥିବା ଜଙ୍ଗଲରେ ଚଢ଼ାଉ କରି ଗଞ୍ଜେଇ ଚାଷକୁ ଠାବ କରୁଛି। ଏଥିସହ ଜିଲାରୁ ଅନ୍ୟ ରାଜ୍ୟକୁ ହେଉଥିବା ଗଞ୍ଜେଇ ଚାଲାଣ ଉପରେ କଡ଼ା ନଜର ରଖିଛି। ବାହାର ରାଜ୍ୟକୁ ଚାଲାଣ ହେଉଥିବାବେଳେ ଏସ୍‌ଟିଏଫ୍ କନ୍ଧମାଳ ଗୋଚ୍ଛପଡ଼ା ଅଞ୍ଚଳରେ ଚଢ଼ାଉ କରି ୪ କୁଇଣ୍ଟାଲ ୮୦ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ସମ୍ପୃକ୍ତ ଦୁଇ ଜଣ ଗୋଚ୍ଛପଡ଼ାର ନାମରତ୍ନ କଅଁର ଓ ସହଯୋଗୀଙ୍କୁ ଗିରଫ କରିଛି। ଏନ୍‌ଡିପିଏସ୍ ମାମଲା (ନଂ. ୪ ଓ ୫/୧୯) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ବେଆଇନ୍ ଗଞ୍ଜେଇ ଚାଲାଣ ର୍ୟାକେଟରେ ଅନ୍ୟ କେଉଁମାନେ ସଂପୃକ୍ତ ଅଛନ୍ତି ଓ ଏହାର ମାଷ୍ଟରମାଇଣ୍ଡ୍ କିଏ ତାହାର ଖୋଳତାଡ଼ ପାଇଁ ଏସ୍‌ଟିଏଫ୍ ନାମରତ୍ନଙ୍କୁ ରିମାଣ୍ଡରେ ଆଣିବ ବୋଲି ଜଣାପଡିଛି।

ଏ ସମ୍ପର୍କରେ ସୂଚନା ଦେଇ ଏସ୍‌ଟିଏଫ୍ ଏସ୍‌ପି କେ.କେ. ଭୋଇ କହିଛନ୍ତି, ଗିରଫ ଦୁଇ ଅଭିଯୁକ୍ତ ଜଙ୍ଗଲରେ ଗଞ୍ଜେଇ ଅମଳ କରି ତାହାକୁ ବସ୍ତାରେ ପ୍ୟାକିଂ କରି ଚାଲାଣ କରନ୍ତି। ଦୁଇ ଦିନ ତଳେ ସେମାନେ ଭିନ୍ନ ଭିନ୍ନ ରାସ୍ତାରେ ଗଞ୍ଜେଇ ଚାଲାଣ କରୁଥିଲେ। ଖବରପାଇ ଏସ୍‌ଟିଏଫ୍ ଦୁଇଟି ଟିମ୍ ଚଢାଉ କରି ସେମାନଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲା। କନ୍ଧମାଳରେ ଗଞ୍ଜେଇ ଚାଷ ଉପରେ ରୋକ୍ ଲଗାଇବା ପାଇଁ ଏସ୍‌ଟିଏଫ୍ ଟିମ୍ ଏକ ସ୍ପେଶାଲ ଡ୍ରାଇଭ ଆରମ୍ଭ କରିଛି। ଏହି ର୍ୟାକେଟର ଚେର ବାହାର ରାଜ୍ୟକୁ ଲମ୍ବିଛି। ଏଥିରେ ମାଓବାଦୀଙ୍କ ସମ୍ପୃକ୍ତି ରହୁଛି। ତେଣୁ ବିଭିନ୍ନ ବଣ ଜଙ୍ଗଲ ବୁଲି ଚାଷ କେଉଁଠି ହୋଇଛି ଠାବ କରୁଛୁ ବୋଲି ସେ କହିଛନ୍ତି।



ଅନ୍ଧକାର ଯେପରି ସଂସାରକୁ ଲୁଚାଇ ଦେଇଥାଏ, କାମନା ସେହିପରି ସତ୍ୟକୁ ଲୁଚାଇ ଦିଏ।

- ସେନେକା



## ସଂକ୍ଷେପରେ

### ଭାଜପାର ରୋଡ୍ ଶୋ'

**ବାଲିପାଟଣା,୬।୪(ଡି.ଏନ୍.ଏ.):** ଭାଜପା ଲୋକ ସଭା ପ୍ରାର୍ଥିନୀ ଅପରାଜିତା ଷଡ଼ଙ୍ଗୀ ଓ ବିଧାନସଭା ପ୍ରାର୍ଥୀ ନରେନ୍ଦ୍ରନାଥ ନାୟକଙ୍କ ଏକ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ବନମାଳିପୁର ଠାରୁ ଆରମ୍ଭ ହୋଇ ନୂଆସାହି, କୁଞ୍ଜପଦା, ସୁମୁଦି, ମାର୍ଥାପୁର, ଆଲୋଇ, ପଦ୍ମପୁର, ବଦଳା, ବସନ୍ତମାଳ, ନରଦା, ତୁରିନ୍ତିରା, ଆଇତଲଙ୍ଗ ଅଠାନ୍ତର ଓ ବାଲିପାଟଣାଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଦିଲ୍ଲୀପ କୁମାର ସ୍ୱାଇଁ, ସନ୍ତୋଷ କୁଣ୍ଡ, କୃଷ୍ଣଚନ୍ଦ୍ର କାଳିଆ, ରୁବି ଶିଶୁ ଗୋସ୍ୱାମୀ, ବବି ତ୍ରିପାଠୀ, ମଣ୍ଡଳ ସଭାପତି ବିଜୟରାମ ସ୍ୱାଇଁ, ଶିବ ମଲ୍ଲିକଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ଉପରେ ନାରାବାଜି ଦେଇଥିଲେ।

### ଲଳିତ ନାରାୟଣ ପଟ୍ଟନାୟକଙ୍କ ପରଲୋକ



**ଭୁବନେଶ୍ୱର, ୬।୪(ବ୍ୟୁରୋ):** ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପୂର୍ବତନ ଅଧକ୍ଷ ଡ. ଲଳିତ ନାରାୟଣ ପଟ୍ଟନାୟକଙ୍କ ଗୁରୁବାର ପରଲୋକ ଘଟିଛି। ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଶୁକ୍ରବାର ବୋର୍ଡ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଦେବୀଦତ୍ତ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଡ. ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ସଭାକୁ ବୋର୍ଡର ପ୍ରଶାସନିକ ଅଧିକାରୀ ଉମେଶ ଚନ୍ଦ୍ର ପାଣି ପରିଚାଳନା କରିଥିଲେ।

### ସ୍କୁଲ ଅଭିଭାବକ ସଂଘର ନୂତନ କର୍ମକର୍ତ୍ତା

**ପୁରୁଣା ଭୁବନେଶ୍ୱର, ୬।୪ (ଡି.ଏନ.ଏ.):** ସ୍ଥାନୀୟ କେଦାର ଗୌରୀସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ଅଭିଭାବକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସତ୍ୟବ୍ରତ ପରିଜା, ସଭାପତି ଏବଂ ଉପସଭାପତି ଭାବେ ରାଜେଶ ମିଶ୍ର, ଲୋପାମୁଦ୍ରା କର, ସମ୍ପାଦକ ଭାବେ ସୂର୍ଯ୍ୟକାନ୍ତ ରାଉତ, ନିହାର ପରିଜାଙ୍କ ଭଳି ୪ଜଣ, ଏବଂ ସହସମ୍ପାଦକ ଭାବେ ରଘୁନାଥ ମିଶ୍ର, କୋଷାଧକ୍ଷ ଭାବେ ବିଦ୍ୟାଧର ନାୟକ, ସହକୋଷାଧକ୍ଷ ଭାବେ ଦିଲୀପ କୁମାର ପାତ୍ର ନିର୍ବାଚିତ ହୋଇଥିଲେ। ରବି ଟକିଜ୍‌ସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ସଂଘର ବାର୍ଷିକ ଅଧିବେଶନରେ ଏହି ନିର୍ବାଚନ ହୋଇଛି।

### ଗ୍ଲେନିଆଗ୍ଲେସ ଗ୍ଲୋବାଲ ହସ୍ପିଟାଲର ନୂଆ ଆଉଟରିଚ୍ କ୍ଲିନିକ୍



**ଭୁବନେଶ୍ୱର,୬।୪:** ଗ୍ଲେନିଆଗ୍ଲେସ ଗ୍ଲୋବାଲ ହସ୍ପିଟାଲ ହାଇଦ୍ରାବାଦ ପକ୍ଷରୁ ଭୁବନେଶ୍ୱରର ୟୁନିଟ ୬ଠାରେ ନୂଆ ଆଉଟରିଚ କ୍ଲିନିକ୍ ଶୁଭାରମ୍ଭ ହୋଇଛି। ଏହି କ୍ଲିନିକରେ ପେଡିଆଟ୍ରିକ ଲିଭର ରୋଗ, ପ୍ରତିରୋପଣ ଏବଂ ଓପିଡି ପରାମର୍ଶ ପ୍ରଦାନ କରାଯିବ। ଏହି ହସ୍ପିଟାଲ ପାର୍କୱେ ପ୍ୟାଣ୍ଟାଇ ଏଣ୍ଟରପ୍ରାଇଜେସ ପକ୍ଷରୁ ପରିଚାଳିତ। ଭୁବନେଶ୍ୱରରେ ସ୍ଥାପିତ କ୍ଲିନିକ ପେଡିଆଟ୍ରିକ ଗ୍ୟାଷ୍ଟ୍ରୋ ଏବଂ ଲିଭର ଟ୍ରାନ୍ସପ୍ଲାଣ୍ଟ ପରାମର୍ଶ ଏବଂ ଚିକିତ୍ସା ସୁବିଧା ଯୋଗାଣ ଦିଗରେ ଏକ ପ୍ରମୁଖ ପରାମର୍ଶ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି ହସ୍ପିଟାଲର ବିଭାଗୀୟ ବରିଷ୍ଠ କନ୍‌ସଲ୍‌ଟାଣ୍ଟ ପ୍ରଶାନ୍ତ ବଚିନା ଏଠାରେ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ସ୍ଥାନୀୟ ଡାକ୍ତରଙ୍କ ମଧ୍ୟରେ ଟ୍ରାନ୍ସପ୍ଲାଣ୍ଟ ପ୍ରୋଗ୍ରାମର ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଉପରେ ଭାବବିନିୟମ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବଚିନା କହିଛନ୍ତି। ଓଡ଼ିଶାର ରୋଗୀ ମାନେ ଏହି କ୍ଲିନିକ ଦ୍ୱାରା ଉପକୃତ ହେବେ ବୋଲି ସେ କହିଛନ୍ତି।

## ରହସ୍ୟରେ ମାର୍ବଲ ଶୋ'ରୁମ୍ ସିକ୍ୟୁରିଟି ଗାର୍ଡ ହତ୍ୟା

# ଆତ୍ମହତ୍ୟା ଦର୍ଶାଇଲା ପୋଲିସ

**ଭୁବନେଶ୍ୱର,୬।୪(ବ୍ୟୁରୋ)/ବାଲିଅନ୍ତା (ଡି.ଏନ୍.ଏ.)**

- ହଟାଗଲା ୩୦୨ ଦଫା, ଲାଗିଲା ୩୦୬
- ପ୍ରବର୍ତ୍ତାଇବା ଅଭିଯୋଗରେ ବାବୁନା ଗିରଫ

ବାଲିଅନ୍ତା ଥାନା ଅନ୍ତର୍ଗତ ପାହାଳସ୍ଥିତ ମା'ଶାରଳା ଓ ଗ୍ରାନାଇଟ୍ ମାର୍ବଲ ଶୋ'ରୁମ୍ ସିକ୍ୟୁରିଟି ଗାର୍ଡ ଗଦାଧର ସ୍ୱାଇଁଙ୍କ ମୃତ୍ୟୁ ରହସ୍ୟ ଉପରୁ କମିଶନରେଟ ପୋଲିସ ପରଦା ହଟାଇଛି। ପୋଲିସ ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ତଥ୍ୟ ପ୍ରମାଣକୁ ଆଧାର କରି ହତ୍ୟା ନୁହେଁ, ଆତ୍ମହତ୍ୟା ବୋଲି କହିଛି। ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା ବୋଲି ଉଲ୍ଲେଖଥିବା ନେଇ ଗତ ୨ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ତେବେ ଶନିବାର ଭୁବନେଶ୍ୱର ଡିସିପି ଅନୁପ ସାହୁ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସ୍ପଷ୍ଟ କରିଛନ୍ତି। ସିକ୍ୟୁରିଟି ଗାର୍ଡ ଗଦାଧରଙ୍କୁ ବ୍ଲାକ୍‌ମେଲିଂ କରୁଥିବା କଟକ ମିରଜାପୁରର ବାବୁନା ଓରଫ ଦିବାକର ଭୂୟାଁ(୨୯)କୁ ଗିରଫ କରାଯାଇଛି। ତାଙ୍କୁ ପଚରାଉଚରାବେଳେ ହତ୍ୟା ନେଇ କିଛି ବି ସୂଚନା ମିଳିନି। ତେଣୁ ମାମଲାରୁ ଆଇପିସି ଦଫା ୩୦୨କୁ ହଟାଇ ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା) ଦଫା ଲଗାଇ ଅଭିଯୁକ୍ତ ବାବୁନାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଡିସିପି କହିଛନ୍ତି।

ଖବରଦାତା ସମ୍ମିଳନୀରେ ଡିସିପି କହିଛନ୍ତି, କଟକ ସଦର ଉସୁମା ଗ୍ରାମର ଗଦାଧର ସ୍ୱାଇଁ ୩ବର୍ଷ ହେବ ମା' ଶାରଳା ଓ ଗ୍ରାନାଇଟ୍ ମାର୍ବଲ ଶୋ'ରୁମ୍‌ରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ସେ ପ୍ରାୟତଃ ରାତିରେ ଡ୍ୟୁଟି କରୁଥିଲେ। ଇତିମଧ୍ୟରେ ଅଭିଯୁକ୍ତ ଦିବାକର ଭୂୟାଁଙ୍କ ସହ ତାଙ୍କର ପରିଚିତ ହୋଇଥିଲା। ଦିବାକର ଉକ୍ତ ମାର୍ବଲ ଶୋ'ରୁମ୍‌କୁ ଯାଇ ଗଦାଧରଙ୍କ ସହ ରହୁଥିଲେ। ସେ ଗଦାଧରଙ୍କୁ ହାତ କରି ମାର୍ବଲ ଚୋରି କରିବା ପାଇଁ କହିଥିଲେ। ପ୍ରଥମେ ଗଦାଧର ମନା କରିଥିଲେ। ହେଲେ ସେ ଏକାଧିକ ବ୍ୟକ୍ତିଙ୍କ ନିକଟରୁ ଟଙ୍କା ସୁଧକୁ ଆଣିଥିବାରୁ ତାଙ୍କ ଉପରେ ଚାପ ପଡୁଥିଲା। ତେଣୁ ଋଣରୁ ମୁକ୍ତି ଲାଗି ସେ ବାଧହୋଇ ଦିବାକର କଥାରେ ରାଜି ହୋଇଥିଲେ। ଦୁହେଁ ମିଶି ଉକ୍ତ ଶୋ'ରୁମ୍‌ରୁ ମାର୍ବଲ ଚୋରି କରି ଅନ୍ୟତ୍ର ବିକ୍ରି କରୁଥିଲେ। ନିକଟରେ ଏକ ମାର୍ବଲ ଚୋରି କରି ଅନ୍ୟତ୍ର ବିକ୍ରି କରି ଦିବାକର ନିଜେ ୪୨ ହଜାର ଟଙ୍କା ନେଇଥିବାବେଳେ ଗଦାଧରଙ୍କୁ ୨୨ହଜାର ଟଙ୍କା ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ଅନ୍ୟପକ୍ଷରେ ମାର୍ବଲ ଚୋରି ହେଉଥିବାରୁ ଶୋ'ରୁମ୍ ମାଲିକଙ୍କ ସନ୍ଦେହ ହୋଇଥିଲା। ତେଣୁ ଗଦାଧର ମାର୍ବଲ ଚୋରିରୁ ନିଜକୁ ଦୂରେଇ ରଖିଥିଲେ। କିନ୍ତୁ ଗଦାଧରଙ୍କୁ ବ୍ଲାକ୍ ମେଲ୍ କରିଥିଲେ ଦିବାକର। ଯଦି ସେ ମାର୍ବଲ ଚୋରି କରିବାରେ ସହଯୋଗ ନ କରନ୍ତି ତେବେ ଏହି ବିଷୟରେ ଶୋ'ରୁମ୍ ମାଲିକଙ୍କୁ କହି ଦେବ ବୋଲି ଧମକାଇଥିଲେ। ୨୭ ତାରିଖ ରାତିରେ ଦିବାକର ଧମକାଇବାରୁ ଚାକିରି ଓ ସମ୍ମାନ ଚାଲିଯିବା ଭୟରେ ଗଦାଧର ଚିନ୍ତାରେ ଥିଲେ। ଶେଷରେ ଉକ୍ତ ଶୋ'ରୁମ୍‌ର ପଛରେ ଥିବା ଏକ ରୋଷେଇ ଘରକୁ ଯାଇ ପକେଟ ଡାଏରୀ କାଢି ସୁଇସାଇଡ୍ ନୋଟ୍ ଲେଖିଥିଲେ। ବାବୁନା ତାଙ୍କୁ ଫସାଇ ଦେଇଥିବା ସେଥିରେ ଉଲ୍ଲେଖ କରିଥିଲେ। ଏହାପରେ ପରିବା କଟା ଛୁରିରେ ନିଜ ଗଳାକୁ କାଟି ଦେଇ ଆତ୍ମହତ୍ୟା କରିଥିଲେ ବୋଲି ଡିସିପି କହିଛନ୍ତି।



ଗିରଫ ଅଭିଯୁକ୍ତ।

### କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲେ ପରିବାର ଲୋକେ

ଅନ୍ୟପକ୍ଷରେ ପୋଲିସ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି ମୃତ ଗଦାଧରଙ୍କ ପରିବାର ଓ ଗ୍ରାମବାସୀ। ସେମାନେ ଏହାକୁ ଆତ୍ମହତ୍ୟା ବୋଲି ମାନିବାକୁ ନାରାଜ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସେମାନେ କହୁଛନ୍ତି। ପୋଲିସ ଜାଣିଶୁଣି ମାମଲାକୁ ବନ୍ଦ କରିବା ପାଇଁ ଏଭଳି ତରବରିଆ ଭାବେ ତଦନ୍ତ ଶେଷ କରି ଆତ୍ମହତ୍ୟା ଦର୍ଶାଉଛି। ତେଣୁ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ହେଲେ ସବୁକିଛି ସ୍ପଷ୍ଟ ହେବ ବୋଲି ଗଦାଧରଙ୍କ ପରିବାର ଲୋକ କହିଛନ୍ତି।

### ପିସିସି ସଂଖ୍ୟାଲଘୁ ସେଲ ଉପାଧ୍ୟକ୍ଷଙ୍କ ଇସ୍ତଫା

**ଖୋର୍ଦ୍ଧା ଅଫିସ,୬।୪:** ପିସିସି ସଂଖ୍ୟାଲଘୁ ସେଲର ଭାଇସ୍ ଚେୟାରମ୍ୟାନ ଏମ.ଡି. ଆରିଫ(ବାବୁ) ଶନିବାର ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି। ସେ ଇସ୍ତଫାର କାରଣ ଦର୍ଶାଇ ନାହାନ୍ତି। ବାବୁଙ୍କର ଘର ଖୋର୍ଦ୍ଧା ସହରର ମୁକୁନ୍ଦପ୍ରସାଦରେ।

### ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ସମନ୍ୱୟ ବୈଠକ

**ପୁରୁଣା ଭୁବନେଶ୍ୱର, ୬।୪(ଡି.ଏନ.ଏ.):** ସର୍କିଟ୍ ହାଉସ୍‌ରେ ଶନିବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଅଧକ୍ଷତା କରିଥିଲେ। ବୈଠକରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ଦ୍ୱାରା ସ୍ଥିରୀକୃତ ନୀତି ନିର୍ଘଣ୍ଟ ଅନୁଯାୟୀ ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରୁକୁଣା ରଥଯାତ୍ରାରେ ଅପରାହ୍ନ ୪ଟାରେ ରଥଟଣା ହେବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିଭଳି ବିଭିନ୍ନ ବିଭାଗ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବଡୁ ନିଯୋଗ, କ୍ଷେତ୍ରବାସୀ ନିଯୋଗ, ସମର୍ଥା ନିଯୋଗର ସେବାୟତମାନେ ଉପସ୍ଥିତ ଥିଲେ। ଏଡିଏମ୍ ଅରୁଣ କୁମାର ବେହେରା ଏବଂ ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ, ଦେବୋତ୍ତର କମିଶନର ଓ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ।



ଶନିବାର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଅନୁଷ୍ଠିତ 'ଶବ୍ଦ-୨୦୧୯'ରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଶବ୍ଦ-୨୦୧୯: ୩ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୬।୪(ବ୍ୟୁରୋ)**

### ଓଡ଼ିଆ ଆଲବମ୍ 'ପ୍ୟାସନ' ଉନ୍ମୋଚିତ

ଶବ୍ଦ-୨୦୧୯ କାର୍ଯ୍ୟକ୍ରମ ଶନିବାର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଗୀତିକାର ଓ ଲେଖକ ଦେବଦାସ ଛୋଟରାୟ, ସାହିତ୍ୟିକ ହରପ୍ରସାଦ ଦାସ, ଭି.ଭି.ସି.ର ସାହିତ୍ୟ ପରାମର୍ଶଦାତା ପଦ୍ମଜା ଆୟାଙ୍ଗାର ପାଣ୍ଡି, ସୁଦର୍ଶନ କଚେରୀ, ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଗୋବା ମୁର୍ମୁ, ଅଶୋକ ମହାନ୍ତି, ଅମରେନ୍ଦ୍ର ମହାନ୍ତି ଓ ବିକାଶ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୋହନ ଚରଣ ପଟ୍ଟନାୟକଙ୍କ ରଚିତ ଦୁଇଟି ପୁସ୍ତକ 'ବ୍ରହ୍ମଶକ୍ତି' ଓ 'ପ୍ରଣୟ ଦୀପିକା' ଉନ୍ମୋଚିତ ହୋଇଥିଲା। ଏହାବ୍ୟତୀତ ମୋହନ ପଟ୍ଟନାୟକଙ୍କ କନ୍ୟା ସୁଜାତା ପଟ୍ଟନାୟକଙ୍କ ଓଡ଼ିଆ ମ୍ୟୁଜିକ ଆଲବମ୍ 'ପ୍ୟାସନ' ଓ କବି ସୁନନ୍ଦା ପଟ୍ଟନାୟକ ଜାନାଙ୍କର 'ବସୀୟତ' ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ସଂଗୀତଜ୍ଞ ବରଦା ପ୍ରସନ୍ନ ପଟ୍ଟନାୟକ ସଂଗୀତ ପରିବେଷଣ କରିଥିଲେ ଓ ବଂଶୀ ବାଦକ ଅନ୍ନଦା ପ୍ରସନ୍ନ ପଟ୍ଟନାୟକ ବଂଶୀବାଦନ କରିଥିଲେ। ଏହି ଅବସରରେ ପୁସ୍ତକଗୁଡ଼ିକର ସାମ୍ୟକ ସମୀକ୍ଷା କରାଯାଇଥିଲା। ଶେଷରେ ଚିନ୍ମୟୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଭଗବାନପୁର କଣ୍ଢେଇ ମେଳଣ

## ପେଣ୍ଡାଲକୁ ଉଠି ନାଚିଲେ ଯୁବକ, ଯାତ୍ରା ସ୍ଥଗିତ

**ପାତ୍ରପଡା,୬।୪(ଡି.ଏନ.ଏ.)**

ତମାଣ୍ଡୋ ଥାନା ଅଧୀନ ଭଗବାନପୁର ଗାଁରେ କଣ୍ଢେଇ ମେଳଣ ଅବସରରେ ଯାତ୍ରା ପରିବେଷଣ ବେଳେ ପେଣ୍ଡାଲ ଉପରକୁ ଉଠି ଯୁବକମାନେ ନାଚିଥିଲେ। ଏହାକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇବା ସହ ଶେଷରେ ଯାତ୍ରା ପରିବେଷଣକୁ ବନ୍ଦ ରଖାଯାଇଥିଲା। ଗାଁର ଉଭୟପକ୍ଷ ଘଟଣାର ଆପୋଷ ସମାଧାନ ପାଇଁ ସମ୍ମତ ହୋଇଥିବାବେଳେ ପୋଲିସ ପକ୍ଷରୁ ଆବଶ୍ୟକ ଫୋର୍ସ ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ଭଗବାନପୁର କଣ୍ଢେଇ ମେଳଣ ଉତ୍ସବ ଅବସରରେ ରାତିରେ ଯାତ୍ରା ପରିବେଷଣ ହେଉଥିବା ସମୟରେ କେତେଜଣ ଯୁବକ ପେଣ୍ଡାଲ ଉପରକୁ ଉଠି ନୃତ୍ୟ କରିଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏପରିକି ମେଳଣ ପଡିଆରେ ଦୁଇଗୋଷ୍ଠୀ ମଧ୍ୟରେ ହାତାହାତି ହୋଇଥିଲେ। ପୋଲିସ ସେଠାରେ ପହଞ୍ଚି ଉଭୟପକ୍ଷଙ୍କୁ ବୁଝାଶୁଝା କରିଥିଲା। ହେଲେ ପରିସ୍ଥିତି ଅଣାୟତ ହେବାରୁ ଶେଷରେ ଯାତ୍ରା ପରିବେଷଣକୁ ସ୍ଥଗିତ ରଖାଯାଇଥିଲା। ଏ ନେଇ ଗାଁରେ ଉତ୍ତେଜନା ଦେଖାଦେଇଥିବାବେଳେ ଶନିବାର ସମସ୍ୟାର ସମାଧାନ ପାଇଁ ଗାଁର ମୁରବୀମାନଙ୍କୁ ନେଇ ଏକ ବୈଠକ ଡକା ଯାଇଛି।

## ନକଲି ପାସ୍‌ପୋର୍ଟ ଦେଖାଇ ବାଂଲାଦେଶୀ ଗିରଫ

**ପୁରୁଣା ଭୁବନେଶ୍ୱର, ୬।୪(ଡି.ଏନ.ଏ.)**

ନକଲି ପାସ୍‌ପୋର୍ଟ ଦେଖାଇ ଶୁକ୍ରବାର ଅପରାହ୍ନ ୨ଟାରେ ବ୍ୟାଙ୍କକ୍‌ରୁ ଆସିଥିବା ଜଣେ ବାଂଲାଦେଶୀ ଯୁବକଙ୍କୁ ବିଜୁ ପଟ୍ଟନାୟକ ଏୟାରପୋର୍ଟରୁ ଗିରଫ କରାଯାଇଛି। ଏମିଗ୍ରେଶନ କର୍ତ୍ତୃପକ୍ଷ ତାଙ୍କୁ ଅଟକାଇ କାଗଜପତ୍ର ଯାଞ୍ଚବେଳେ ସନ୍ଦେହ ଜନକ ଉତ୍ତର ମିଳିଥିଲା। ଯାଞ୍ଚ ପରେ ସେ ବାଂଲାଦେଶର ସ୍ଥାୟୀ ବାସିନ୍ଦା ଆୟନ ଶ୍ରମନ ବୋଲି ଜଣାପଡ଼ିଥିଲା। ଏୟାରପୋର୍ଟ ଥାନା ପୋଲିସ ତାଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ପୋଲିସ ନଂ. ୫୧/୧୯ରେ ମାମଲା ରୁଜୁ କରିଛି। ଯୁବକ ଜଣକ ନକଲି ପାସପୋର୍ଟରେ ନିଜ ନାଁ ବିଶ୍ୱନାଥ ମଣ୍ଡଳ ବୋଲି ଉଲ୍ଲେଖ କରିଥିଲେ।

## କବିତା ମାଧ୍ୟମରେ ରାଜନୀତି ଆଲୋଚନା



**ଭୁବନେଶ୍ୱର, ୬।୪(ବ୍ୟୁରୋ)**

ଶନିବାର ଅକ୍ସଫୋର୍ଡ ବୁକ୍ ଷ୍ଟୋର୍‌ସ୍ଥିତ କାଫେଟେରିଆରେ କବିତା ସହିତ ରାଜନୀତିର ଆଲୋଚନା ହୋଇଥିଲା। କେତେଜଣ କବି ଏକତ୍ରିତ ହୋଇ କବିତା ମାଧ୍ୟମରେ ରାଜନୀତି ଆଲୋଚନା କରିବାର ଏକ ପ୍ରୟାସ କରିଥିଲେ। ଦେଶର ଉଷ୍ମ ରାଜନୈତିକ ସ୍ଥିତି ସହିତ ଏକ ନିଆରା ଢଙ୍ଗରେ ନିଜକୁ ସାମିଲ କରିଥିଲେ। ସାହିତ୍ୟିକ ଶକ୍ତି ମହାନ୍ତି, ଭାରତ ମାଝି, ଡ. ହିରଣ୍ମୟୀ ମିଶ୍ର ଓ ଏଲି ମହାନ୍ତି ପ୍ରମୁଖ କବିତା ଏବଂ ସାହିତ୍ୟ ମାଧ୍ୟମରେ ସାମ୍ପ୍ରତିକ ରାଜନୀତି ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ପବିତ୍ର ମୋହନ କର, ସୁବ୍ରତ ସେନାପତି, ପ୍ରତ୍ୟୁଷ ମିଶ୍ର, ସୁମନ ଦାସ, ଭାରତ ମାଝି ଏବଂ ଭାସ୍ୱତୀ ବସୁ କବିତା ଆବୃତ୍ତି କରିଥିଲେ। କବି କେଦାର ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ। ସାହିତ୍ୟ, ସମାଜ ଓ ରାଜନୀତିକୁ ନେଇ ଆଲୋଚନା ଏବଂ ନିରୁତା ଖଟି ପାଇଁ 'କାଫେଟେରିଆ' ଆଗକୁ ଯୋଜନା ରଖିଛି ବୋଲି ଭାସ୍ୱତୀ ବସୁ କହିଛନ୍ତି। କବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ଏବଂ ଭାସ୍ୱତୀ ବସୁ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।

### ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣା

## ୨ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ୍

**ଖୋର୍ଦ୍ଧା ଅଫିସ,୬।୪:** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ନରଣଗଡସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାର ରାୟ ଶୁକ୍ରବାର ପ୍ରଥମ ଶ୍ରେଣୀ ଅତିରିକ୍ତ ଜିଲା ଦୌରାଜଜ ଧନୁର୍ଦ୍ଧର ସେନାପତିଙ୍କ କୋର୍ଟରେ ପ୍ରକାଶ ପାଇଛି। ଏହି ଘଟଣାରେ ଗିରଫ ହୋଇ ଜେଲରେ ଥିବା ଗଞ୍ଜାମ ଜିଲା ବୁଗୁଡା ଥାନା ଜଗତପାଟଣା ଗାଁର ଅର୍ଜୁନ କର(୨୯) ଓ ଅରବିନ୍ଦନଗରର ଭଗବାନ ସାହୁ(୨୯)ଙ୍କୁ ୭ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟ ୧ ବର୍ଷ ୨ ମାସ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି। ୨୦୧୩ ଜୁଲାଇ ୩ରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନରଣଗଡ ଶାଖାରେ ଡକାୟତି ହୋଇଥିଲା।

## ବିପଦସଙ୍କୁଳ ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସ

### ସୁରକ୍ଷା ଦାବିକଲା ଏକାମ୍ର ଜନଜାଗରଣ ମଞ୍ଚ

**ପୁରୁଣା ଭୁବନେଶ୍ୱର, ୬।୪(ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜ ମନ୍ଦିର ସନ୍ନିକଟ ପୁରୁଣା ମାର୍କେଟ କମ୍ପ୍ଲେକ୍ସଟି ଏବେ ବିପଦ ଶଙ୍କୁଳ ଅବସ୍ଥାରେ ରହିଛି। ତେଣୁ ସମ୍ପୂର୍ଣ୍ଣ ଅସୁରକ୍ଷିତ ଏହି ବିଲ୍ଡିଂରେ ଏବେ ମଧ୍ୟ ବ୍ୟବସାୟ ଚାଲୁଛି। ବିଭାଗୀୟ କର୍ତ୍ତୃପକ୍ଷ ଅତୀତରେ ଏହାକୁ ଅସୁରକ୍ଷିତ ଘୋଷଣା କରିଥିଲେ। ତେଣୁ ଏହା ବଦଳରେ ଏକ ନୂତନ ମାର୍କେଟ କମ୍ପ୍ଲେକ୍ସ ନିକଟରେ ନିର୍ମାଣ କରାଯାଇ ଉଦ୍‌ଘାଟନ ମଧ୍ୟ ସରିଛି। ଉଦ୍‌ଘାଟନ ସରିବା ପରେ ମଧ୍ୟ ଏ ପର୍ଯ୍ୟନ୍ତ ବ୍ୟବସାୟୀମାନଙ୍କୁ ଥଇଥାନ କରା ନ ଯିବା ନେଇ ପୁରୁଣା କୋଠାରେ ବାଧ ହୋଇ ବ୍ୟବସାୟ ଚାଲିଛି। ଯାହାକୁ ଏକାମ୍ର ଜନଜାଗରଣ ମଞ୍ଚ ଶନିବାର ବିରୋଧ କରିଥିଲା। ଅପରାହ୍ନରେ ବିଏମସି କମିଶନରଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ଦେବା ସହ ତୁରନ୍ତ ଯଥାବିଧି ଘଟଣା ଉପରେ ଅନୁସନ୍ଧାନ କରି ପଦକ୍ଷେପ ସ୍ୱରୂପ ବ୍ୟବସାୟୀମାନଙ୍କୁ ଥଇଥାନ କରିବାକୁ କୁହାଯାଇଛି। ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ନେତୃତ୍ୱରେ ହିମାଂଶୁ ଶେଖର ହୋତା, ବ୍ରଜରାଜ ପଣ୍ଡା, ସୁଲତା ସାହାଣୀ, ସଞ୍ଜୁଲତା ପଟ୍ଟନାୟକ, ତିଳୋତ୍ତମା ମହାନ୍ତି ଏବଂ ପୂର୍ଣ୍ଣ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତ ବିକାଶ ପରିଷଦର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର, ୬।୪(ବ୍ୟୁରୋ)**

ଭାରତ ବିକାଶ ପରିଷଦ ଭୁବନେଶ୍ୱର ଉତ୍ତର ଶାଖାର ବିଂଶତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଲୋହିଆ ଏକାଡ଼େମୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ସୁରେଶ ଚନ୍ଦ୍ର ପତିଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଲୋକ ସେବକ ମଣ୍ଡଳର ସମ୍ପାଦକ ନିରଞ୍ଜନ ରଥ ଯୋଗଦେଇଥିଲେ। ଭାରତ ବିକାଶ ପରିଷଦ ପକ୍ଷରୁ କରାଯାଉଥିବା ସାମାଜିକ କାର୍ଯ୍ୟକ୍ରମଗୁଡ଼ିକୁ ସେ ପ୍ରଶଂସା କରିବା ସହ ଏପରି କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଶାଖାର ପୂର୍ବତନ ସଭାପତି ଅଜୟ କୁମାର ଦାସ ଅତିଥି ପରିଚୟ ଦେଇଥିବାବେଳେ ଶାଖା ସମ୍ପାଦକ ବସନ୍ତ ଶତପଥି ବାର୍ଷିକ ବିବରଣୀ ପାଠ କରିଥିଲେ। ନିର୍ବାଚିତ ପ୍ରତିନିଧିମାନେ ଶପଥ ଗ୍ରହଣ କରିଥିଲେ। ପରିଷଦର କୋଷାଧକ୍ଷ ମଧୁସୂଦନ ଜେନା ଧନ୍ୟବାଦ ଦେଇଥିଲେ।

## ନୂଆ ସୁଯୋଗ ଅନ୍ୱେଷଣ କରନ୍ତୁ ଛାତ୍ରୀଛାତ୍ର

**ଭୁବନେଶ୍ୱର,୬।୪**

### ଏଏସ୍‌ବିଏମ୍‌ର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ



ବର୍ତ୍ତମାନ ସମୟରେ ପରିବର୍ତ୍ତନ ଆସିଥିବାରୁ ସେହି ଅନୁଯାୟୀ ନିଜକୁ ପ୍ରସ୍ତୁତ ରଖିବାର ଆବଶ୍ୟକତା ରହିଛି। କଠିନ ପରିଶ୍ରମ ସହ ଦକ୍ଷତାକୁ ବଢାଇପାରିଲେ ଏହା ଦ୍ୱାରା ଛାତ୍ରୀଛାତ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ସମୟରେ ନିଜକୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିବେ ବୋଲି ଜାତୀୟ ରେନଫେଡର ପ୍ରାଧିକାରୀ ସିଇଓ ଡ. ଅଶୋକ ଦଲୱାରୀ କହିଛନ୍ତି। ଏସିଆନ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍)ର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦଲୱାରୀ କହିଛନ୍ତି,ବିଫଳତାକୁ ନ ଡରି ଏହାକୁ ସାମ୍ନା କରିବା ଲାଗି ଛାତ୍ରୀଛାତ୍ର ନିଜକୁ ପ୍ରସ୍ତୁତ ରଖିବାକୁ ହେବ। ନିଜ ମଧ୍ୟରେ ଏଭଳି ଗୁଣକୁ ସ୍ଥାନିତ କରିବା ସହ ନୂଆ ସୁଯୋଗକୁ ଅନ୍ୱେଷଣ କରିବାକୁ ସେ ପ୍ରତିଷ୍ଠାନର ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଜଣାଇଛନ୍ତି। ବିଫଳତା ହେଉଛି ସଫଳତା ସିଡ଼ିର ପ୍ରଥମ ପାହାଚ ବୋଲି କାର୍ଯ୍ୟକ୍ରମରେ ଇନଫିନିଟି ଗ୍ରୁପ ଅଧକ୍ଷ ରବିନ୍ଦ୍ର ଚାମେରିଆ ମତ ରଖିଛନ୍ତି। ଜୀବନରେ ଗଭୀର ଆତ୍ମବିଶ୍ୱାସ ଜରୁରୀ ହୋଇଥିବା ବେଳେ ନେତୃତ୍ୱ ନେବା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଏଏସ୍‌ବିଏମ୍ ପ୍ରତିଷ୍ଠାତା ବିଶ୍ୱଜିତ ପଟ୍ଟନାୟକ କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରଫେସର ଦାମୋଦର ଆଚାର୍ଯ୍ୟଙ୍କୁ ଏଏସ୍‌ବିଏମ୍ ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଥିଲା। ଏଥିରେ ଶାଶ୍ୱତ ଉପାଧ୍ୟାୟ ବେଷ୍ଟ ଗ୍ରାଜୁଏଟ ସ୍ୱର୍ଣ୍ଣ ପଦକ କାମେଶ୍ୱର ଲେଙ୍କା ବେଷ୍ଟ ଅଲ୍ ରାଉଣ୍ଡର ଗୋଲ୍ଡ ମେଡାଲ ଲାଭ କରିଥିଲେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଏପ୍ରିଲ୍ ୭/୨୦୧୯ Bhubaneswar, Sunday, April 7/ 2019

# ଯୁବତୀଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

## ନିଖୋଜ ନେଇ ଅଭିଯୋଗ କରିଥିଲେ ପରିବାର ଲୋକ

କଟକ ଅଫିସ, ୬।୪

ଜଣେ ଯୁବତୀଙ୍କୁ ମିଛ ପ୍ରଲୋଭନ ଦେଖାଇ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଯୁବତୀଙ୍କୁ ତାଙ୍କ ଘରୁ ଡାକିନେଇ ବଳାତ୍କାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ମର୍କତନଗର ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଢେଙ୍କାନାଳ ଜିଲା ସଦର ଥାନା ଅନ୍ତର୍ଗତ କାଳଙ୍ଗ ଅଞ୍ଚଳର ଶ୍ରୀଧର ସାହୁ। ପୋଲିସ ଯୁବତୀଙ୍କୁ ଢେଙ୍କାନାଳରୁ ଉଦ୍ଧାର କରିବା ସହ ସେଠାରୁ ଶ୍ରୀଧରଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଆଇପିସି ଦଫା ୩୪୨, ୩୨୩, ୫୦୬, ୩୬୬, ୩୭୬(୨),(ଏନ୍), ୩୪ରେ ଏକ ମାମଲା(୫୯/୧୯) ରୁଜୁ ହୋଇଛି।

ଶ୍ରୀଧର ତେଲେଙ୍ଗାନା ହାଇଦ୍ରାବାଦର ଏକ ଲୁହା ଓଲ୍ଡିଂ ଦୋକାନରେ କାର୍ଯ୍ୟ କରନ୍ତି। ୨ ବର୍ଷ ତଳେ ସିଡିଏ ଅଞ୍ଚଳରେ ରହୁଥିବା ଉକ୍ତ ଯୁବତୀଙ୍କ ସହ ଫେସ୍‌ବୁକ୍‌ରେ ତାଙ୍କର ଚିହ୍ନା ପରିଚୟ ହୋଇଥିଲା। ଶ୍ରୀଧର ଏମ୍‌ବିଏ କରିବା ପରେ ହାଇଦ୍ରାବାଦରେ ଏକ କମ୍ପାନୀରେ କାର୍ଯ୍ୟ କରୁଛନ୍ତି ବୋଲି ଯୁବତୀଙ୍କୁ କହିଥିଲେ। ଯୁବତୀ ଜଣଙ୍କ ରମାଦେବୀ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ପଢୁଥିବାବେଳେ ଶ୍ରୀଧର ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀଧର ଓଡ଼ିଶା ଆସିବା ପରେ ଗତ ୩ ତାରିଖରେ ଯୁବତୀଙ୍କୁ ବିବାହ କରିବାକୁ କହି ତାଙ୍କୁ ଘରୁ ନେଇ ଢେଙ୍କାନାଳ ପଳାଇ ଯାଇଥିଲେ। ତେବେ ଯୁବତୀଙ୍କ ନିଖୋଜ ହୋଇଥିବା ନେଇ ସେହିଦିନ ତାଙ୍କ ପରିବାର ଲୋକ ମର୍କତନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ତଦନ୍ତ କରି ଶ୍ରୀଧର ଢେଙ୍କାନାଳରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ଏକ ପୋଲିସ ଟିମ୍ ସେଠାକୁ ଯାଇ ଯୁବତୀଙ୍କୁ ଉଦ୍ଧାର କରିବା ସହ ଶ୍ରୀଧରଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ଶ୍ରୀଧର ହାଇଦ୍ରାବାଦରେ ଏକ ଲୁହା ଓଲ୍ଡିଂ ଦୋକାନରେ କାର୍ଯ୍ୟ କରୁଥିବାବେଳେ ଯୁବତୀଙ୍କୁ ମିଛ କହିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏପରି କି ଯୁବତୀଙ୍କ ସହ ବହୁବାର ଶାରୀରିକ ସମ୍ପର୍କ ରଖିଥିବା ମଧ ମାନିଥିଲେ ବୋଲି ପୋଲିସ ସୂଚନା ଦେଇଛି।




### ଆନ୍ତଃରାଜ୍ୟ ମୂର୍ତ୍ତି ଚୋରି ର୍‍ୟାକେଟର ଗୁମର ଖୋଲୁଛି

# ଆଉ ଏକ ଅଷ୍ଟଧାତୁ ମୂର୍ତ୍ତି ଜବତ, ଦୁଇ ଗିରଫ

ଭୁବନେଶ୍ୱର,୬।୪ (ବ୍ୟୁରୋ)



- ପୁରୀ ଅଞ୍ଚଳରୁ ଚୋରି କରି ବିକ୍ରି ଯୋଜନା କରୁଥିଲେ
- ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ଏସ୍‌ଟିଏଫ୍
- ଦେଢ଼ମାସ ତଳେ ଆଉ ଦୁଇ ମୂର୍ତ୍ତି ଜବତ ହୋଇଥିଲା

ରାଜ୍ୟରେ ସକ୍ରିୟ ରହିଛି ମୂର୍ତ୍ତି ଚୋରା ଚାଲାଣ ର୍‍ୟାକେଟ। ବିଭିନ୍ନ ଜିଲାରେ ଘୂରି ବୁଲୁଛନ୍ତି ଏଜେଣ୍ଟ। ବିଶେଷକରି ପୁରାତନ ମନ୍ଦିରରେ ଥିବା ଅଷ୍ଟଧାତୁ ଓ ଦୁର୍ଲଭ ମୂର୍ତ୍ତିକୁ ଟାର୍ଗେଟ କରୁଛନ୍ତି। ଚୋରିମୂର୍ତ୍ତିକୁ ଦଲାଲମାନେ ରାଜ୍ୟ ତଥା ଦେଶ ବାହାରକୁ ଚାଲାଣ କରୁଛନ୍ତି। ଫେବୃୟାରୀ ୧୫ରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଖଣ୍ଡଗିରି ଯଦୁପୁରର ସୟଦ ଜଲ୍ଲୁରୁଙ୍କ ଘରୁ ଦୁଇଟି ପୁରାତନ ଅଷ୍ଟଧାତୁ ରାଧା ଓ କୃଷ୍ଣ ମୂର୍ତ୍ତି ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଶନିବାର ଏହି ର୍‍ୟାକେଟରେ ସମ୍ପୃକ୍ତ ଆଉ ଦୁଇଜଣଙ୍କୁ ଏସ୍‌ଟିଏଫ୍ ଗିରଫ କରିବା ସହ ସେମାନଙ୍କଠାରୁ ୫ କେଜି ଓଜନର ଏକ ଚୋରା ଅଷ୍ଟଧାତୁ ମୂର୍ତ୍ତି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦକା ଥାନା କାଟେଣୀ ଗ୍ରାମର ୟୁସୁଫ୍ ମିଜୟା ଓରଫ ଲିଟୁ(୩୨) ଓ ଅମିର ଖାଁନ(୨୯)। ପୋଲିସ କେସ୍ ନଂ.୧/୧୯ ଦଫା ୩୭୯, ୪୧୧, ୧୨୦(ବି) ଲଗାଇ ସେମାନଙ୍କୁ କୋର୍ଟ ଚାଲାଣ କରିଛି। ତେବେ ପଚରାଉଚରା ବେଳେ ତାଙ୍କଠାରୁ ଏସ୍‌ଟିଏଫ୍ କିଛି ତଥ୍ୟ ହାସଲ କରିଛି। ଉକ୍ତ ମୂର୍ତ୍ତିକୁ ଭୋପାଳକୁ ଚାଲାଣ ପାଇଁ ରଖାଯାଇଥିଲା। ଏହା ଏକ ଆନ୍ତଃରାଜ୍ୟ ମୂର୍ତ୍ତି ଚୋରି ର୍‍ୟାକେଟ ହୋଇଥିବାରୁ ଅଧିକ ଖୋଳତାଡ଼ ପାଇଁ ଏସ୍‌ଟିଏଫ୍ ଏହି ଦୁଇ ଜଣଙ୍କୁ ରିମାଣ୍ଡରେ ଆଣିବ। ଏଥିପାଇଁ ଶୀଘ୍ର ସ୍ଥାନୀୟ କୋର୍ଟରେ ଆବେଦନ କରିବ। ଅନ୍ୟପକ୍ଷରେ ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ଏସ୍‌ଟିଏଫ୍ ଟିମ୍ ଭୋପାଳ ଯାଇପାରେ ବୋଲି ସୂଚନା ମିଳିଛି।

ୟୁସୁଫ୍ ଓ ଅମିର ଖୋର୍ଦ୍ଧା, ପୁରୀ ଓ ଅନ୍ୟ କେତେକ ଜିଲାର ଏକାଧିକ ସ୍ଥାନରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି କରିଛନ୍ତି। ଇଣ୍ଟରନେଟ୍ ମାଧ୍ୟମରେ ଏଜେଣ୍ଟ ଓ ଦଲାଲଙ୍କ ମଧ୍ୟରେ ଯୋଗାଯୋଗ ହୋଇଥାଏ। ତା'ପରେ ମାଷ୍ଟରମାଇଣ୍ଡକୁ ଏ ସମ୍ପର୍କରେ ଅବଗତ କରାଯାଇଥାଏ। କିନ୍ତୁ ତାଙ୍କୁ କେହି ଚିହ୍ନନ୍ତି ନାହିଁ। ଯାଞ୍ଚ ଓ ସବୁକିଛି କାରବାର ସ୍ୱତନ୍ତ୍ର ଆପ୍ ଦ୍ୱାରା ହୋଇଥାଏ। ବିଭିନ୍ନ ଅଞ୍ଚଳର ଦଲାଲମାନେ ଚୋରଙ୍କଠାରୁ ମୂର୍ତ୍ତିର ଫଟୋ ଉଠାଇ ଉକ୍ତ ଆପ୍‌ରେ ଛାଡ଼ନ୍ତି। ଏହାପରେ ମାଷ୍ଟରମାଇଣ୍ଡ ମୂର୍ତ୍ତିର ମୂଲ୍ୟ ଫାଇନାଲ କରି ସେମାନଙ୍କୁ ଇଣ୍ଟରନେଟ ମାଧ୍ୟମରେ ଟଙ୍କା ପଠାଇଥାନ୍ତି ବୋଲି ଏସ୍‌ଟିଏଫ୍ ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ଏହି ତଥ୍ୟ ପାଇଛି। ସବୁଠୁ ବଡ଼ କଥା ହେଲା ଖଣ୍ଡଗିରିର ସୟଦ ଜଲ୍ଲୁରୁ ଗ୍ୟାଙ୍ଗ୍‌ର ସଦସ୍ୟ ହେଉଛନ୍ତି ୟୁସୁଫ ଓ ଅମିର। ସୟଦ ଗିରଫ ହେବା ପରେ ଏହି ଦୁଇ ଜଣ ଫେରାର ହେବା ସହ ମୂର୍ତ୍ତି ଚୋରି ବନ୍ଦ କରି ଦେଇଥିଲେ। ଏବେ ଏସ୍‌ଟିଏଫ୍ ତଦନ୍ତ ବନ୍ଦ କରି ଦେଇଥିବା ଭାବି ସେମାନେ ପୁଣି ଅଷ୍ଟଧାତୁ ମୂର୍ତ୍ତି ଚୋରି କରି ବିକ୍ରି ଯୋଜନା କରିଥିଲେ। କିନ୍ତୁ ସେମାନଙ୍କ ଉପରେ ଏସ୍‌ଟିଏଫ୍ କଡା ନଜର ରଖିଥିଲା। ତିନିଦିନ ତଳେ ଏମାନେ ପୁରୀ ଅଞ୍ଚଳରୁ ଏକ ମୂର୍ତ୍ତି ଚୋରି କରି ଘରେ ରଖିଥିଲେ। ତାହାକୁ ବିକ୍ରି କରିବା ପାଇଁ ଯୋଜନା କରୁଥିବା ଖବର ପାଇ ଏସ୍‌ଟିଏଫ୍ ସେମାନଙ୍କ ଘର ଉପରେ ଚଢ଼ାଉ କରିଥିଲା।

# ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଅଗ୍ନିକାଣ୍ଡ

## ପୋଡ଼ିଗଲା କମ୍ପ୍ୟୁଟର, ସିପିୟୁ

କଟକ ଅଫିସ, ୬।୪

ସିଡିଏ ସେକ୍ଟର-୧୦ ଅଞ୍ଚଳରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ବ୍ୟାଙ୍କରେ ଥିବା କେତେକ କମ୍ପ୍ୟୁଟର, ସିପିୟୁ ସହିତ ଦରକାରୀ କାଗଜପତ୍ର ଜଳିଯାଇଛି। ତେବେ ତଦନ୍ତ ପରେ କ୍ଷୟକ୍ଷତିର ମୂଲ୍ୟ ସ୍ପଷ୍ଟ ହେବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ପୂର୍ବାହ୍ନ ସାଢେ ୯ଟାରେ ବ୍ୟାଙ୍କରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ସିଡିଏ ଅଗ୍ନିଶମ ବିଭାଗର ଏକ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଥିବାବେଳେ ତଦନ୍ତ ପରେ ଏହା ଉପରେ ସ୍ପଷ୍ଟ ସୂଚନା ମିଳିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

# କାର୍‌ରୁ ୯୫ହଜାର ଟଙ୍କା ଜବତ

ବାଲିଅନ୍ତା,୬।୪(ଡି.ଏନ୍.ଏ.)

ସାଧାରଣ ନିର୍ବାଚନ ପାଇଁ ଗଠିତ ହୋଇଥିବା ଫ୍ଲାଇଂ ସ୍କ୍ୱାଡ-୧ ଓ ଷ୍ଟାଟିକ ସର୍ଭେଲାନ୍ସ ଟିମର ମିଳିତ ତନଖି ସମୟରେ ବାଲିଅନ୍ତା-ବାଲକାଟୀ ରାସ୍ତା ଗଡ଼କଣ୍ଟୁଣିଆଠାରେ ଏକ କାର୍‌ରୁ ୯୫ହଜାର ଟଙ୍କା ଜବତ ହୋଇଛି। କାର୍ ଚାଳକ ହେଲେ ବାଲିପାଟଣା ଅଞ୍ଚଳର ସ୍ମୃତିସ୍ୱରୂପ ପ୍ରତିହାରୀ। ସ୍ମୃତି ନିଜର ବ୍ୟବସାୟ ପାଇଁ ୩ଦିନ ହେବ ଭୁବନେଶ୍ୱରର ଏକ ଘରୋଇ ବ୍ୟାଙ୍କରୁ ଟଙ୍କା ଉଠାଇ ରଖିଥିଲେ। ଶନିବାର ସେ ଭୁବନେଶ୍ୱରରୁ ଘରକୁ ଫେରୁଥିବା ବେଳେ ସ୍କ୍ୱାଡ ହାତରେ ଧରାପଡ଼ିଥିଲେ। ଯାଞ୍ଚ ବେଳେ ତାଙ୍କର ଏକ ଲ୍ୟାପଟପ ବ୍ୟାଗରୁ ଉକ୍ତ ଟଙ୍କା ଜବତ ହୋଇଥିଲା। ସ୍କ୍ୱାଡ ଟିମ କାର୍ ସହ ସ୍ମୃତିଙ୍କୁ ବାଲିଅନ୍ତା ଥାନାକୁ ଆଣିଥିଲେ। ପରେ ସେ ପୋଲିସଙ୍କୁ ଟଙ୍କା ଉଠାଣର ପ୍ରମାଣ ଦେଖାଇଥିଲେ। ଏହାସହ କୌଣସି ଦଳ କିମ୍ବା ପ୍ରାର୍ଥୀଙ୍କ ସମ୍ପର୍କୀୟ ହୋଇ ନଥିବା ଅଣ୍ଡରଟେକିଂ ଲେଖିକି ଦେଇଥିଲେ। ଏହାପରେ ଜବତ ଟଙ୍କା ସହ କାର୍‌କୁ ସ୍ମୃତିଙ୍କୁ ଫେରସ୍ତ କରାଯାଇଥିବା ଫ୍ଲାଇଂ ସ୍କ୍ୱାଡ ଅଧିକାରୀ ରଜନୀକାନ୍ତ ପାଣିଗ୍ରାହୀ ଓ ବିଶ୍ୱଜିତ ବେହେରା କହିଛନ୍ତି।

# କାଜୁ ଜଙ୍ଗଲରେ ବେଆଇନ ମାଙ୍କଡ଼ାପଥର ଖାଦାନ

## ଜିଲାପାଳ, ବନଖଣ୍ଡ ଅଧିକାରୀଙ୍କୁ ନୋଟିସ

କଟକ ଅଫିସ, ୬।୪

କେନ୍ଦୁଝରର ଜିଲାପାଳ ଓ ଆନନ୍ଦପୁର ବନଖଣ୍ଡ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ୪ସପ୍ତାହ ମଧ୍ୟରେ ରିପୋର୍ଟ ଦେବେ। ପରିବେଶଜନିତ କ୍ଷୟକ୍ଷତିର ଆକଳନ କରିବା ସହିତ ବେଆଇନ ଖନନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି) ମୁଖ୍ୟ ଖଣ୍ଡପୀଠଙ୍କ ପକ୍ଷରୁ ଏହି ଆଦେଶ ଦିଆଯାଇଛି। କେନ୍ଦୁଝର ଜିଲା ଘସିପୁରା ତହସିଲ ମଦନପୁର ଗ୍ରାମରେ ଥିବା ପ୍ରାୟ ୧୦୦ ଏକର କାଜୁ ଜଙ୍ଗଲରେ ମାଫିଆମାନେ ବେଆଇନ ମାଙ୍କଡ଼ାପଥର ଖନନ କାର୍ଯ୍ୟ ଚଳାଇଛନ୍ତି। ଏହାକୁ ବିରୋଧ କରି ସୁଧାଂଶୁ କୁଅଁର ଓ ସମ୍ବିତ୍ କୁଅଁର ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଜଙ୍ଗଲକୁ ସରକାର ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ସ୍ଥାନୀୟ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୪୧ଟି ପରିବାରକୁ ଫଳଭୋଗ ପଟ୍ଟା ଦିଆଯାଇଥିଲା। ମାତ୍ର ଚଞ୍ଚକତା କରି ପଥର ମାଫିଆମାନେ ଉକ୍ତ ଜମିକୁ କବ୍‌ଜା କରି ସେଠାରେ ବେଆଇନ ମାଙ୍କଡାପଥର ଖାଦାନ ଚଳାଇଥିଲେ।

### ରାଜ୍ୟସ୍ତରୀୟ ଯୁବ ରେଡ୍‌କ୍ରସ ପରାମର୍ଶଦାତା ସମାବେଶ

# 'ସେବାରେ ଜୀବନର ସାର୍ଥକତା ରହିଛି'




ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୬।୪(ବ୍ୟୁରୋ)

ପ୍ରେମ ସବୁ ରୋଗର ମହୌଷଧି। ଏହା ମାଧ୍ୟମରେ ଅନେକଙ୍କ ମୁହଁରେ ହସ ଫୁଟାଇ ହେବ। ଅନ୍ୟର ସେବାରେ ନିଜ ଜୀବନର ସାର୍ଥକତା ରହିଛି। ଦୟା, ପ୍ରେମ, କରୁଣା ଓ ଶ୍ରଦ୍ଧା ହେଉଛି ମଣିଷର ଭୂଷଣ। ଏହାକୁ ହାସଲ କରିବା ପାଇଁ ପ୍ରତ୍ୟେକ ନିଜ ନିଜ ସ୍ତରରେ ସାଧନା କରିବାକୁ ରାଜ୍ୟପାଳ ତଥା ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ଶାଖା ଅଧ୍ୟକ୍ଷ ପ୍ରଫେସର ଗଣେଶୀ ଲାଲ ପରାମର୍ଶ ଦେଇଛନ୍ତି। ରାଜ୍ୟସ୍ତରୀୟ ଯୁବ ପରାମର୍ଶଦାତା ସମାବେଶରେ ରାଜ୍ୟପାଳ କହିଲେ, ରେଡ୍‌କ୍ରସ ସମଗ୍ର ପୃଥିବୀରେ ସେବାର ଏକ ପ୍ରତୀକ ହୋଇପାରିଛି। ରେଡ୍‌କ୍ରସର ଆଦର୍ଶ ଓ କର୍ମଧାରା ମାନବତାବାଦର ପ୍ରସାର କରୁଛି। ରେଡ୍‌କ୍ରସର କାର୍ଯ୍ୟଧାରାରେ କର୍ମ-ଜ୍ଞାନ-ଭକ୍ତି ଯୋଗର ପ୍ରୟୋଗ ରହିଛି। ଏଭଳି ଏକ ଭାବଧାରାର ବ୍ୟାପକ ପ୍ରସାର ଓ କାର୍ଯ୍ୟାନ୍ୱୟନ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ସମଗ୍ର ବ୍ରହ୍ମାଣ୍ଡରେ ପ୍ରତ୍ୟେକ ପ୍ରତ୍ୟେକଙ୍କ ସହ ସମ୍ବନ୍ଧିତ। ଜଡ଼ ମଧ୍ୟରେ ବି ଚେତନା ବିଦ୍ୟମାନ। ତେଣୁ ହାର୍ଦ୍ଦିକ ଆବେଗ ସହ ପ୍ରତ୍ୟେକଙ୍କୁ ଆପଣେଇବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। କିଟ୍ କ୍ୟାମ୍ପସଠାରେ ଶନିବାର ଆୟୋଜିତ ଏହି ସମାବେଶରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଭାରତ ହେଉଛି ଏକ ଯୁବ ଦେଶ। ଜନସଂଖ୍ୟାର ପ୍ରାୟ ୫୦ ଶତାଂଶ ୨୫ ବର୍ଷରୁ କମ୍ ବୟସ ବର୍ଗରେ ଅଛନ୍ତି। ଏଭଳି ସ୍ଥିତିରେ ଯୁବ ଶକ୍ତିକୁ ସେବାମୂଳକ କାର୍ଯ୍ୟରେ ସଂଶ୍ଳିଷ୍ଟ କରାଗଲେ ଦେଶର ଅଶେଷ ପ୍ରଗତି ସାଧିତ ହୋଇପାରିବ। କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଡ. ସସ୍ମିତା ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେବା କ୍ଷେତ୍ରରେ ଯୁବ ରେଡ୍‌କ୍ରସର ଭୂମିକା ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସମ୍ପାଦିକା ମେଜର ଡ. କଳ୍ପନା ଦାସ ଓଡ଼ିଶାରେ ରେଡ୍‌କ୍ରସର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୁବ ପରାମର୍ଶଦାତା ସମାବେଶର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମାବେଶରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ବାର୍ଷିକ ବିବରଣୀ, ପ୍ରାଥମିକ ଚିକିତ୍ସାପୁସ୍ତକ ଓ ନିଉଜ୍ ଲେଟରକୁ ଉନ୍ମୋଚନ କରିଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଅନ୍ଧକାର ଯେପରି ସଂସାରକୁ ଲୁଚାଇ ଦେଇଥାଏ, କାମନା ସେହିପରି ସତ୍ୟକୁ ଲୁଚାଇ ଦିଏ।
- ସେନେକା



## ସଂକ୍ଷେପରେ

### ସ୍କୁଲ ବସ୍-ଟ୍ରକ୍ ମୁହାଁମୁହିଁ ୨ ଚାଳକ ଗୁରୁତର

**ଆଠଗଡ଼,୬।୪(ସ୍ୱ.ପ୍ର.):** ପୁରୁଣା କଟକ-ସମ୍ବଲପୁର ରାସ୍ତାର ଆଠଗଡ଼ ନିକଟ ନଡ଼ୁଆପଡ଼ା ଛକର କିଛି ଦୂରରେ ଶନିବାର ରାତି ପ୍ରାୟ ୮ଟାରେ ଏକ ନୂଆ ସ୍କୁଲ ବସ୍ ସହ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଗାଡି ଚାଳକ ଗୁରୁତର ହୋଇଛନ୍ତି। ଟ୍ରକ ଚାଳକ ତିଗିରିଆ ଥାନା ଅନ୍ତର୍ଗତ ଅଚଳକୋଟ ଗ୍ରାମର ଦିଗମ୍ବର ସ୍ୱାଇଁ ଗାଡ଼ିରେ ଚାପିହୋଇ ରହିଥିଲେ। ବହୁ କଷ୍ଟରେ ତାଙ୍କୁ ଉଦ୍ଧାର କରାଯାଇ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେହିପରି ପ୍ରାୟ ଏକଘଣ୍ଟା ଉଦ୍ୟମ କରି ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ, ପୋଲିସ ଓ ଜନସାଧାରଣ ବସ୍ ଚାଳକ ମଧ୍ୟପ୍ରଦେଶର ଚେତନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆଠଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ଦୁର୍ଘଟଣା ପରେ ରାସ୍ତା ଅବରୋଧ ହୋଇଯିବାରୁ ଦୁଇ ପାର୍ଶ୍ୱରେ ବହୁ ଗାଡିମଟର ଦୀର୍ଘ ସମୟ ଅଟକି ରହିଥିଲା। ଉଭୟ ଚାଳକ ଗୁରୁତର ହୋଇଥିବାରୁ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ସ୍କୁଲ ବସ୍‌ଟି ଅନୁଗୋଳ ପଟୁ ଆସୁଥିବାବେଳେ ଟ୍ରକ୍‌ଟି ଆଠଗଡ଼ ପଟୁ ଯାଉଥିଲା।

### ଦୋକାନ, ଗାଡ଼ି ଭଙ୍ଗାରୁଜା ଘଟଣାରେ ୪ ଗିରଫ

**ମାହାଙ୍ଗା,୬।୪(ସ୍ୱ.ପ୍ର.):** ମାହାଙ୍ଗା ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ସାରଦା ପ୍ରଧାନଙ୍କ ଏକ ବାଇକ ଶୋଭାଯାତ୍ରାବେଳେ ତାଙ୍କ କର୍ମୀ ଗୋକନଠାରେ ଏକ ଦୋକାନ ଓ ବାଇକ ଭଙ୍ଗାରୁଜା କରିଥିଲେ। ଏହି ଘଟଣାର ତଦନ୍ତ କରି ପୋଲିସ ଶନିବାର ୪ ଭାଜପା କର୍ମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଶୁଖୁଆପଡ଼ା ଗ୍ରାମର ରାଇଚରଣ ବେହେରା(୪୫), ପୂର୍ଣ୍ଣଚନ୍ଦ୍ର ରାଉତ(୫୧), ଗୋର୍ଡ଼ାଙ୍ଗ ଗ୍ରାମର ନଗେନ୍ଦ୍ର ନାଥ ଜେନା(୪୧) ଓ କାହ୍ନପୁର ଗ୍ରାମର ଭରତ ରାଉତ(୪୮)। ଏମାନଙ୍କୁ ତାଙ୍କ ଘରୁ ଗିରଫ କରାଯାଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ୪ ତାରିଖ ଅପରାହ୍ନରେ ଶୋଭାଯାତ୍ରା ସମୟରେ ଗୋକନଠାରେ ଏକ ଫର୍ନିଚର ଦୋକାନ ନିକଟରେ ଭାଜପା ସମର୍ଥକ ଓ କର୍ମୀ ମାହାଙ୍ଗା ବ୍ଲକ୍ ଅଧ୍ୟକ୍ଷଙ୍କୁ ଗାଳି ଗୁଲଜ କରିବା ସହ କୁନି ଦେଇଙ୍କ ଫର୍ନିଚର ଦୋକାନକୁ ଭଙ୍ଗାରୁଜା କରିଥିଲେ। ଏଥିସହ ଏକ ବାଇକକୁ ଭାଙ୍ଗି ଦେଇଥିବା ନେଇ ଥାନାରେ ୧୮ କର୍ମୀଙ୍କ ନାମରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ନଂ-୫୭/୧୯ ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅପରପକ୍ଷରେ ଭାଜପା ପକ୍ଷରୁ ଏକ ପାଲଟା ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଏ ନେଇ ଭାଜପା ବିଧାୟକ ପ୍ରାର୍ଥୀ ସାରଦାଙ୍କ ମତାମତ ମିଳି ପାରିନାହିଁ।

### ମଧୁ ଜୟନ୍ତୀ ପାଇଁ ବକ୍ତୃତା ପ୍ରତିଯୋଗିତା

**ବାଙ୍କୀ,୬।୪(ସ୍ୱ.ପ୍ର.):** ଆସନ୍ତା ୨୮ରେ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ କରାଯିବ। ଏହି ସମାରୋହ ପାଇଁ ବାଙ୍କୀ କ୍ରେଡିଟ୍ କୋଅପେରିଟିଭ୍ ସୋସାଇଟ୍ ପକ୍ଷରୁ ଏକ ଉପଖଣ୍ଡସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଶନିବାର ବିଦ୍ୟାରନ୍ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋରାଲିସା ମହାପାତ୍ର ପ୍ରଥମ ଓ ଇତିଇପ୍‌ସିତା ପ୍ରିୟଦର୍ଶିନୀ ଦ୍ୱିତୀୟ ସ୍ଥାନ ଅଧିକାର ପୁରସ୍କୃତ ହେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଚାରକଭାବେ ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର, କବି ଭଗବାନ ସାମଲ ଓ କବି କମଳାକାନ୍ତ ମିଶ୍ର ଯୋଗଦେଇଥିଲେ।

■ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନାମଲେଖାରେ ସମସ୍ୟା

# ବିଇଓ ଅଫିସରେ ତାଲା ପକାଇଲେ ଗ୍ରାମବାସୀ

**ଆଠଗଡ଼,୬।୪(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ଗ୍ରାମରେ ଥିବା ନୋଡାଲ ସ୍କୁଲରୁ ୭ମ ପାସ କରିଥିବା ଛାତ୍ରୀଛାତ୍ରଙ୍କ ୮ମ ଶ୍ରେଣୀରେ ନାମ ଲେଖାଇବାରେ ସମସ୍ୟା ସୃଷ୍ଟି ହୋଇଛି। ଏହାକୁ ନେଇ ଗ୍ରାମବାସୀ ଶନିବାର ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ ସହ ତାଲା ପକାଇ ବିକ୍ଷୋଭ କରିଛନ୍ତି।

ସରକାରଙ୍କ ନିୟମ ଅନୁଯାୟୀ ନୋଡାଲ ସ୍କୁଲରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରହିବ। ସେହି ଅନୁଯାୟୀ ଛାତ୍ରୀଛାତ୍ର ଅଧ୍ୟୟନ କରିବେ ବୋଲି ଗତବର୍ଷଠାରୁ ସରକାର ସ୍ଥିର କରିଛନ୍ତି। ତେବେ ଭିତ୍ତିଭୂମି ଅଭାବ ହେତୁ ଗତବର୍ଷ ଆଠଗଡ ବ୍ଲକର କେତୋଟି ସ୍କୁଲରେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରି ନ ଥିଲା। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟି ରଖି ଗତବର୍ଷ ୭ମ ପାସ କରିଥିବା ଛାତ୍ରୀଛାତ୍ରଙ୍କୁ କନ୍ଦରପୁର ହାଇସ୍କୁଲରେ ୮ମ ଶ୍ରେଣୀରେ ନାମଲେଖାଇବା ସୁବିଧା କରାଯାଇଥିଲା। ଚଳିତବର୍ଷ ନିୟମକୁ କଡାକଡି ପାଳନ କରାଯାଇଛି। ଅର୍ଥାତ ଯେଉଁ ସ୍କୁଲରେ ପିଲା ୭ମ ଶ୍ରେଣୀ ପାସ୍ କରିବେ ସେଠାରେ ହିଁ ୮ମରେ ପଢ଼ିବାକୁ କୁହାଯାଇଛି। କନ୍ଦରପୁର ନୋଡାଲ ସ୍କୁଲରେ ପ୍ରଧାନଶିକ୍ଷକଙ୍କ ସମେତ ୮ ଶିକ୍ଷକ ଅଛନ୍ତି। ୨୨୬ ଛାତ୍ରଛାତ୍ରୀ ପଢୁଥିବା ଏହି ସ୍କୁଲରେ ଆବଶ୍ୟକ ଶ୍ରେଣୀ ଗୃହ, ଚେୟାର, ଟେବୁଲ ଓ ସମସ୍ତ ବିଷୟର ଶିକ୍ଷକ ନ ଥିବା ଦର୍ଶାଇ ଅଭିଭାବକ ଛାତ୍ରୀଛାତ୍ରଙ୍କୁ ସେଠାରେ ନ ପଢ଼ାଇ କନ୍ଦରପୁର ହାଇସ୍କୁଲରେ ନାମ ଲେଖାଇବା ପାଇଁ ଅଡିବସିଥିଲେ। ଏପରି କି ନୋଡାଲ ସ୍କୁଲରରେ ୭ମ ଶ୍ରେଣୀରେ ପଢୁଥିବା ୩୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୮ଜଣ ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ର ନେଇ ସାରିଛନ୍ତି। ପ୍ରଧାନଶିକ୍ଷକ ଅମୀୟ ଦାସ ଅଭିଭାବକଙ୍କୁ ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ର ନ ନେବା ପାଇଁ ଜଣାଇଥିଲେ ହେଁ ଅଭିଭାବକ ଏହାକୁ ଉପେକ୍ଷା କରିଥିଲେ। ପ୍ରମାଣପତ୍ର ନେଇ ହାଇସ୍କୁଲରେ ନାମ ଲେଖାଇବା ପାଇଁ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ରଙ୍କୁ ଜଣାଇବାରେ ସରକାରୀ ନିୟମ ଅନୁଯାୟୀ ସେ ନାମ ଲେଖାଇବାକୁ ମନା କରିଥିଲେ। ଏ ନେଇ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ବେହେରାଙ୍କୁ ଜଣାଇଥିଲେ।

ବ୍ଲକ ଶିକ୍ଷାଧିକାରୀ ବେହେରା ସରକାରଙ୍କ ନିୟମ ସମ୍ବନ୍ଧରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ।



ବିଇଓ ଅଫିସ ଆଗରେ ଗ୍ରାମବାସୀ ପ୍ରତିବାଦ କରୁଛନ୍ତି।

■ ନୋଡାଲ ସ୍କୁଲରେ ପଢ଼ାଇବାକୁ ଚାହୁଁନାହାନ୍ତି ଅଭିଭାବକ

■ ଭିତ୍ତିଭୂମି ନ ଥିବା କହି ମୁହଁ ଫେରାଉଛନ୍ତି

ତେବେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଦୃଷ୍ଟିକୋଣରୁ ବ୍ଲକ୍ ଶିକ୍ଷାଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଅଡିବସିଥିଲେ। ସରପଞ୍ଚ ପରମାନନ୍ଦ ବେହେରା, ପୂର୍ବତନ ସରପଞ୍ଚ ବିଚିତ୍ରାନନ୍ଦ ସେଠୀ, ସ୍କୁଲ ପରିଚାଳନା କମିଟି ସମ୍ପାଦକ ସୁକାନ୍ତ ସାହୁଙ୍କ ସମେତ କନ୍ଦରପୁର, ନଣ୍ଡାଇଲୋ ଓ ରାଉତରାପୁରର ବହୁ ଗ୍ରାମବାସୀ ପୂର୍ବାହ୍ନରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସି କର୍ମଚାରୀଙ୍କୁ ଅଫିସରୁ ବାହାରି ଯିବାପାଇଁ ପରାମର୍ଶ ଦେଇଥିଲେ। କର୍ମଚାରୀ ବାହାରକୁ ଯିବାପରେ ଗ୍ରାମବାସୀ ଅଫିସରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ବେହେରା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବାରୁ ଉପସ୍ଥିତ ନ ଥିଲେ। ଖବର ପାଇ କାର୍ଯ୍ୟାଳୟକୁ ଆସି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପରେ ଗ୍ରାମବାସୀ ତାଲା ଖୋଲି ବ୍ଲକ ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରି ଆନ୍ଦୋଳନରୁ ଓହରିଥିଲେ।

## ବାଙ୍କୀ କଂଗ୍ରେସର କର୍ମୀ ସମ୍ମିଳନୀ

**ବାଙ୍କୀ,୬।୪(ସ୍ୱ.ପ୍ର.)**

ବାଙ୍କୀ କଂଗ୍ରେସ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଲୋକସଭା ପ୍ରାର୍ଥୀ ପଞ୍ଚାନନ କାନୁନଗୋ ଓ ବାଙ୍କୀ ବିଧାୟକ ପ୍ରାର୍ଥୀ ଡ. ଦେବାଶିଷ ପଟ୍ଟନାୟକ ଯୋଗଦେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। କାନୁନଗୋ କହିଥିଲେ, ବାଙ୍କୀ ଏକ କୃଷି ପ୍ରଧାନ ଅଞ୍ଚଳ ଏବଂ ଏଠାକାରର ଚାଷୀ ଖୁବ୍ ପରିଶ୍ରମୀ। ଅଞ୍ଚଳର ଚାଷୀ କଟକ ଓ ଭୁବନେଶ୍ୱରକୁ ପନିପରିବା ଯୋଗାଇଥାନ୍ତି। କିନ୍ତୁ ଦୁଃଖର ବିଷୟ ଏପର୍ଯ୍ୟନ୍ତ ଚାଷୀଙ୍କ ସୁବିଧା ପାଇଁ ଶୀତଳ ଭଣ୍ଡାର ଓ ଉଠାଜଳସେଚନ ବ୍ୟବସ୍ଥା ହୋଇପାରି ନାହିଁ। ବାଙ୍କୀବାସୀ ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ଅଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ଋଣଛାଡ଼, ଧାନଦର ବୃଦ୍ଧି ଓ ଫସଲବୀମା ଯୋଜନା କରି ଚାଷୀଙ୍କ ଉନ୍ନତି କରିବ। ଦୀର୍ଘ ୨୦ବର୍ଷର କଳଙ୍କିତ ଶାସନରୁ ବାଙ୍କୀକୁ ମୁକ୍ତକରି ସୁନାମ ରକ୍ଷାକରିବା ପାଇଁ ସେ ବାଙ୍କୀବାସୀଙ୍କୁ ଅନୁରୋଧ କରିଥିଲେ। ବିଧାୟକ ପ୍ରାର୍ଥୀ ଡ. ପଟ୍ଟନାୟକ କହିଥିଲେ, ବାଙ୍କୀ କଲେଜକୁ ଏକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ତାଙ୍କର ପ୍ରଥମ କାମ।



ସମ୍ମିଳନୀରେ ଲୋକ ସଭା ପ୍ରାର୍ଥୀ ପଞ୍ଚାନନ କାନୁନ୍‌ଗୋ ଓ ଅନ୍ୟମାନେ।

ବିଜେଡି ଲୋକସଭା ସଭ୍ୟ ଓ ବିଧାୟକଙ୍କ କାର୍ଯ୍ୟକାଳ ଭିତରେ କଲେଜକୁ ସେମାନଙ୍କ ହାତପାଣ୍ଠିରୁ ଗୋଟିଏ ଟଙ୍କା ଅନୁଦାନ ଅକାରରେ ପ୍ରଦାନ କରିନାହାନ୍ତି। ବେଆଇନ ଭାବେ ଦଳୀୟ କର୍ମୀଙ୍କୁ କଲେଜରେ ନିଯୁକ୍ତି ଦେଇ ବ୍ୟାପକ ଅର୍ଥ କ୍ଷତି ଘଟାଇଛନ୍ତି। ବାଙ୍କୀ କଲେଜ ଓଡ଼ିଶାର ଏକ ଶ୍ରେଷ୍ଠ କଲେଜ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ବିଶେଷ ଉନ୍ନତି ଘଟିନାହିଁ। ତେଣୁ କଲେଜର ସମସ୍ତ ଆୟବ୍ୟୟର ସ୍ୱତନ୍ତ୍ର ଅଡିଟ୍ କରି ତଦନ୍ତ କରିବାକୁ ସେ ଦାବି କରିଥିଲେ। ସମ୍ମିଳନୀରେ ବାଙ୍କୀ ଉପଖଣ୍ଡ ଯୁବ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରି ଆସନ୍ତା ନିର୍ବଚନରେ କଂଗ୍ରେସକୁ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ବାଙ୍କୀର ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବ ଓ କଂଗ୍ରେସ କର୍ମୀ ଆଲୋଚନାରେ ଅଂଶଗ୍ରହଣ କିରିଥିଲେ। ବୈଠକପୂର୍ବରୁ କାନୁନ୍‌ଗୋ ଓ ଡ. ପଟ୍ଟନାୟକ ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରିବା ସହ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ମହିଳାଙ୍କୁ ପୋଡ଼ି ମାରି ଦେଇଥିବା ଅଭିଯୋଗ

**ସାଲେପୁର,୬।୪(ଡି.ଏନ.ଏ.)**

ସାଲେପୁର ଥାନା ଅଧୀନ ଶିଶୁଆ ଗ୍ରାମରେ ଜଣେ ମହିଳାଙ୍କୁ ପୋଡ଼ି ମାରି ଦିଆଯାଇଥିବା ଶନିବାର ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛି। ମାହାଙ୍ଗା ଥାନା ପଣସପୁର ଗ୍ରାମର ସକୁନ୍ତଳା ସାହୁଙ୍କ ଅଭିଯୋଗ ଅନୁଯାୟୀ, ଶିଶୁଆ ଗ୍ରାମର ବାବୁଲି ବେହେରାଙ୍କ ସହ ବୈଦିକମତେ ତାଙ୍କ ଝିଅ ଗୀତାଞ୍ଜଳିଙ୍କ ବିବାହ ହୋଇଥିଲା। ବିବାହ ପରେ ଶାଶୁଘର ଲୋକେ ଗୀତାଞ୍ଜଳିଙ୍କୁ ନିର୍ଯାତନା ଦେଉଥିଲେ। ଶୁକ୍ରବାର ଶାଶୁଘର ଲୋକେ ତାଙ୍କ ଝିଅ ଗୀତାଞ୍ଜଳିଙ୍କୁ ବିଳମ୍ବିତ ରାତିରେ ମାରି ପୋଡ଼ିଦେଇଥିବା ସକୁନ୍ତଳା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ମାମଲା ନଂ.୭୯/୧୯ ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ବିଳମ୍ବିତ ରାତ୍ରରେ ଘରେ ନିଆଁ ଲାଗିବାରୁ ଗୀତାଞ୍ଜଳି ପୋଡ଼ିଯାଇ ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବ ଗୀତାଞ୍ଜଳିଙ୍କ ଶାଶୁଘର ଲୋକେ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଶ୍ରୀରାମ ନବମୀ, ଦାଣ୍ଡ ଯାତ୍ରା ପ୍ରସ୍ତୁତି ବୈଠକ

**ନିଶ୍ଚିନ୍ତକୋଇଲି,୬।୪(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱର ରଘୁନାଥ ଜୀଉଙ୍କ ବିଜେସ୍ଥଳୀରେ ଶ୍ରୀରାମ ନବମୀ ଓ ଦାଣ୍ଡ ଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତହସିଲଦାର ଜିତେନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ଯାତ୍ରା କମିଟି ସମ୍ପାଦକ ପ୍ରଭାତ ରଥ ପୂର୍ବ ବିବରଣୀ ପାଠ କରିଥିଲେ। ପରେ ପାନୀୟ ଜଳ, ରାସ୍ତା, ବିଦ୍ୟୁତ, ପରିମଳ, ଆଇନ ଶୃଙ୍ଖଳା ଓ ସ୍ୱାସ୍ଥ୍ୟ ସେବା ଉପରେ ଆଲୋଚନା କରାଯାଇଥିଲା। ଗ୍ରୀଷ୍ମ ପ୍ରଭାବକୁ ଆଖି ଆଗରେ ରଖି ଦାଣ୍ଡଯାତ୍ରା ଦିନ ୮ଟି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥ୍ୟା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରାଯାଇଥିଲା। କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାଗୋବିନ୍ଦ ପାଣିଗ୍ରାହୀ, ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ ଜେନା ଓ ସାଲେପୁର ଏସଡିପିଓ ସୁରେଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇନ ଶୃଙ୍ଖଳା ରକ୍ଷା ନେଇ ବ୍ୟାପକ ଫୋର୍ସ ମୁତୟନ କରାଯିବାକୁ ଆଲୋଚନା ହୋଇଥିଲା। ଉଭୟ ଶ୍ରୀରାମ ନବମୀ ଓ ଦାଣ୍ଡଯାତ୍ରା ଦିନ ମାହାସୁଲ ଧାର୍ଯ୍ୟ କରିବା ଓ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍ କରି ସୁଦର୍ଶନ ବ୍ୟବସ୍ଥାର ପ୍ରସ୍ତାବ ଆଗତ କରାଯାଇଥିଲା। ବୈଠକରେ କମିଟି ପ୍ରଶାସନିକ ଅଧିକାରୀ ପ୍ରମୋଦ ସାହୁ, ବିଡିଓ ସୁରେଶ ପ୍ରଧାନ, ଏବିଡିଓ ସୁଶାନ୍ତ ରଣା, ଅସୁରେଶ୍ୱର ମେଡିକାଲ ଅଫିସର ଅସିତ ମିଶ୍ର, ଯନ୍ତ୍ରୀ ଚିନ୍ମୟ ବେହେରା, ରଞ୍ଜନ ବେହେରା, ସରପଞ୍ଚ ଅନ୍ନଦା ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟ ବୋର୍ଡର କିଶୋର ରାଉତରାୟ, ଗୟାଧର ସ୍ୱାଇଁ, ରଘୁନାଥ ନାୟକ, ସୁନୀଲ ସିଂ, ସୁକାନ୍ତ କୁମାର ସାହୁ ଓ ହାବୁଲି ସିଂ ପ୍ରମୁଖ ଉପସ୍ଥିତଥିଲେ। ପୂଜକ ମନମୋହନ ପତି, ପ୍ରଦୀପ୍ତ ଶତପଥୀ, ସଚିନ୍ଦ୍ର ମିଶ୍ର, ସୁବାସ ତ୍ରିପାଠୀ ଓ ସୁଦର୍ଶନ ପତି ଯୋଗଦେଇ ନୀତିନିର୍ଘଣ୍ଟ ଉପରେ ଆଲୋଚନା କରିଥିଲେ।



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ, ପୋଲିସ ଓ ଅନ୍ୟମାନେ।

## ସଙ୍ଗୀତ ଆଶ୍ରମର ରୌପ୍ୟ ଜୟନ୍ତୀ

**ନିଶ୍ଚିନ୍ତକୋଇଲି,୬।୪(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ସଙ୍ଗୀତ ଆଶ୍ରମର ରୌପ୍ୟ ଜୟନ୍ତୀ ସ୍ଥାନୀୟ ମାରୁତି ମଞ୍ଚରେ ଶନିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନ ପ୍ରତିଷ୍ଠାତା ତଥା ତବଲା ଗୁରୁ ଶ୍ରୀଗୋପୀନାଥ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଓଡିଶାର ପ୍ରାକ୍ତନ ମୁଖ୍ୟଶାସନ ସଚିବ ସହଦେବ ସାହୁ ଯୋଗଦେଇ ଦୈନନ୍ଦିନ ଜୀବନରେ ସଙ୍ଗୀତର ଆବଶ୍ୟକତା, ପ୍ରାଚିନ ସଙ୍ଗୀତର ବିକାଶ, କଳାର ବିଭିନ୍ନ ଦିଗ ଓ ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭୁବନେଶ୍ୱର ଦୂର ସଂଚାର ଉପନିର୍ଦ୍ଦେଶକ ଡ. ନାରାୟଣ ମୁଦୁଲି ଯୋଗଦେଇ ନିଶ୍ଚିନ୍ତକୋଇଲି ସଦର ବିପୃତିଗତ ଅର୍ଥ, ସଙ୍ଗୀତର ବିଭିନ୍ନ ଦିଗ ତଥା ସାମ୍ପ୍ରତିକ ସମୟରେ ସାହିତ୍ୟର ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ସରପଞ୍ଚ ରବୀନ୍ଦ୍ର ସେଠୀ, ଓଡିଶାର କଳା ସଂସ୍କୃତି ଉପରେ ଅଭିଭାଷଣ ରଖିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନ ସଭ୍ୟ ପ୍ରମୋଦ ଦାସ ଅତିଥି ପରିଚୟ ଓ ଅଧ୍ୟାପକ ଦେବାଶିଷ ମହାନ୍ତି ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ଏ. ମହେଶ୍ୱର ରାୟ ଓ ଯୁବ କଣ୍ଠ ଶିଳ୍ପୀ ସୁଧାକର ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକ ସମୟରେ ଏକାଧିକା ତବଲା ବାଦକ ତବଲା ବାଦନ ଦିଗନ୍ତ ପରିବେଷଣ କରିଥିଲେ। ଓଡିଶାର ସୁନାମଧନ୍ୟ କଣ୍ଠ ଶିଳ୍ପୀଙ୍କ ଦ୍ୱାରା ଲଘୁ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୋଗେନ୍ଦ୍ର ସ୍ୱାଇଁ, ସୁକାନ୍ତ ପ୍ରଧାନ, ଅଜୟ ବାରିକ, ସନ୍ତୋଷ ଜେନା ଓ ମନୋଜ ଦତ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

## ୨୭୮ ପରୀକ୍ଷାର୍ଥୀ ଦେଲେ ନବୋଦୟ ପରୀକ୍ଷା

**ସାଲେପୁର,୬।୪(ଡି.ଏନ.ଏ.)**

ସାଲେପୁର ହାଇସ୍କୁଲ୍‌ରେ ଶନିବାର ନବୋଦୟ ପରୀକ୍ଷା ଅନୁଷ୍ଠିତ ହୋଇଛି। ଉକ୍ତ ପରୀକ୍ଷା ପାଇଁ ୩୬୧ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ କୌଣସି କାରଣରୁ ୮୩ଜଣ ଅନୁପସ୍ଥିତ ଥିଲେ। ଫଳରେ ୨୭୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପର୍ଯ୍ୟବେକ୍ଷକଭାବେ କଟକ ମୁଣ୍ଡଳିସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ଶିକ୍ଷକ ଲଲାଟେନ୍ଦୁ ସ୍ୱାଇଁ ଉପସ୍ଥିତ ରହି ପରୀକ୍ଷା ପରିଚାଳନା କରିଥିଲେ। ସୁପରିଟେଣ୍ଡେଣ୍ଟ ଭାବେ ସାଲେପୁର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଉପସ୍ଥିତ ଥିଲେ। ସାଲେପୁର ଶିକ୍ଷା ମଣ୍ଡଳ ଅଧିକାରୀ ପ୍ରେମଲତା ନାୟକ, ଅତିରିକ୍ତ ଶିକ୍ଷାମଣ୍ଡଳ ଅଧିକାରୀ ରଜନୀକାନ୍ତ ଦାଶ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ବନ୍ଦନା ଜେନା, ଶିକ୍ଷକ ଦତ୍ତକୃଷ୍ଣ ବେହେରା, କମଳାକାନ୍ତ ମୁଦୁଲି ଓ ସୂର୍ଯ୍ୟ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ପଶ୍ଚିମାଞ୍ଚଳରେ ବିଜେଡିର ପ୍ରଚାର

**ନରସିଂହପୁର,୬।୪(ଡି.ଏନ.ଏ.)**

ଶନିବାର ନରସିଂହପୁର ବ୍ଲକ ପଶ୍ଚିମାଞ୍ଚଳ ମର୍ଦ୍ଧମେଖଠାରୁ ବାଲିପୁଟ ପର୍ଯ୍ୟନ୍ତ ବିଜେଡିର ନିର୍ବାଚନ ପ୍ରଚାର ଅନୁଷ୍ଠିତ ହୋଇଛି। ବିଧାୟକ ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ର, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଜିଲା ପରିଷଦ ସଭ୍ୟ ନିର୍ମଳ ଜେନା, ସମିତିସଭ୍ୟ ଶରତ ଚନ୍ଦ୍ର ଖଟୁଆ, ପବିତ୍ର ପ୍ରଧାନ, ନାରଣ ନାୟକ, ସରପଞ୍ଚ ସନ୍ତୋଷ ବେହେରା, ରମେଶ ସେଠୀ, ଦିଲୀପ ବାଘ, ଅଜୟ ବିଶ୍ୱାଳ ଓ ଈଶ୍ୱର ଗୁରୁ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ। ବ୍ଲକର ଧନଞ୍ଜୟପୁର, କୁଶଖଳି, ସତ୍ୟଜୟପୁର, ଲକ୍ଷ୍ମୀପୁର, ମନ୍ଦାଣିଆ, ରେଗେଡା, ତାଳସାହି, ଚିକ୍କଣଖେଣ୍ଡି, ସାନଗାଁ, ବସନ୍ତପୁର, ଶିଶୁପଥର, ଚକାମୁଣ୍ଡା, ଜାନିସାହି ପ୍ରମୁଖ ଗ୍ରାମରେ ପ୍ରଚାର କରାଯିବା ସହ ବିଭିନ୍ନ ସ୍ଥାନରେ ସଭା କରାଯାଇଥିଲା। ବିଧାୟକ ପ୍ରାର୍ଥୀ ମିଶ୍ର ଭୋଟ ଭିକ୍ଷା କରିଥିଲେ।



ବିଧାୟକ ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ର କର୍ମୀଙ୍କ ସହ ପ୍ରଚାର କରୁଛନ୍ତି।

■ ନବୋଦୟ ପ୍ରବେଶିକା ପରୀକ୍ଷା ଆଡ୍‌ମିଟ୍ କାର୍ଡରେ ତ୍ରୁଟି

# ନରସିଂହପୁରରେ ସେଣ୍ଟର, ବଡ଼ମ୍ବାରେ ପରୀକ୍ଷା

**ବଡ଼ମ୍ବା/ନରସିଂହପୁର,୬।୪(ଡି.ଏନ.ଏ.)**

ନବୋଦୟ ପ୍ରବେଶିକା ପରୀକ୍ଷା ଆଡ୍‌ମିଟ୍ କାର୍ଡରେ ତ୍ରୁଟିଯୋଗୁ ଛାତ୍ରୀଛାତ୍ର ପରୀକ୍ଷା ଦେବାରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହାକୁ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ବଡ଼ମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରାସ୍ତାକୁ ବହୁ ଅଭିଭାବକ ଅବରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ବଡ଼ମ୍ବା ଥାନା ଆଇଆଇସି ଜ୍ଞାନରଞ୍ଜନ ମିଶ୍ର ଓ ବ୍ଲକ୍ ଶିକ୍ଷାଧିକାରୀ ସୁଜାତା ପ୍ରିୟଦର୍ଶିନୀ ପଣ୍ଡା ପହଞ୍ଚି ହସ୍ତକ୍ଷେପ କରିବାରେ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

ସୂଚନା ଅନୁସାରେ, ଶନିବାର ନବୋଦୟ ବିଦ୍ୟାଳୟରେ ପଢିବା ପାଇଁ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ବଡ଼ମ୍ବାରେ ୨ଟି କେନ୍ଦ୍ର ଯଥା: ମୋହନ ସୁବୁଦ୍ଧି ହାଇସ୍କୁଲ ଓ ସରକାରୀ ବାଳିକା ହାଇସ୍କୁଲକୁ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ମାତ୍ର ନରସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବାକୁଥିବା ଛାତ୍ରୀଛାତ୍ରଙ୍କ ଆଡ୍‌ମିଟ୍ କାର୍ଡରେ ଭୁଲରେ ବଡ଼ମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଲେଖାଥିଲା। ଫଳରେ ଉକ୍ତ କେନ୍ଦ୍ରରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ପହଞ୍ଚିଥିଲେ। ହେଲେ ଏଠାରେ ସେମାନଙ୍କ ପାଇଁ ବ୍ୟବସ୍ଥା କରାଯାଇ ନ ଥିବା କୁହାଯିବାରୁ ଅସନ୍ତୋଷ ସୃଷ୍ଟି ହୋଇଥିଲା। ବ୍ଲକ୍ ଶିକ୍ଷାଧିକାରୀ ସୁଜାତା ପ୍ରିୟଦର୍ଶିନୀ ପଣ୍ଡା ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହିତ ଯୋଗାଯୋଗ କରି ଏହାର ସମାଧାନ କରିଥିଲେ। ପରୀକ୍ଷା ସମୟର ଦୁଇଘଣ୍ଟା ବିଳମ୍ବରେ ବଡମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନରସିଂହପୁର କେନ୍ଦ୍ରର ପିଲା ପରୀକ୍ଷା ଦେଇଥିଲେ। ନବୋଦୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ତ୍ରୁଟି ଯୋଗୁ ପରୀକ୍ଷାର୍ଥୀ ଓ ଅଭିଭାବକ ନାହିଁ ନ ଥିବା ଅସୁବିଧା ଭୋଗ କରିଥିଲେ। ତେଣୁ ଅଭିଭାବକ ଏହାର ତଦନ୍ତ ଦାବି କରିଛନ୍ତି। ବଡମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୧୪ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୧୬୪ଜଣ ପରୀକ୍ଷା ଦେଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ ମିଶ୍ର ସୂଚନା ଦେଇଛନ୍ତି। ମୋହନ ସୁବୁଦ୍ଧି ହାଇସ୍କୁଲରେ ୩୦୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୨ଜଣ ପରୀକ୍ଷା ଦେଇଥିବା ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିକ୍ରମ କେଶରୀ ରାଉତ କହିଛନ୍ତି। ନରସିଂହପୁର ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କହିଛନ୍ତି, ପରୀକ୍ଷା ସମ୍ପର୍କରେ ଆମକୁ କୌଣସି ଅଭିଭାବକ ପଚାରିନାହାନ୍ତି। ନିର୍ଦ୍ଧାରିତ ସମୟକୁ ନେଇ ଆମ ଶିକ୍ଷକମାନେ ଅପେକ୍ଷା କରିଥିଲେ। ମାତ୍ର ପରୀକ୍ଷାର୍ଥୀ ଆସି ନ ଥିଲେ। ଏଥିରେ ଆମର କୌଣସି ତ୍ରୁଟି ନାହିଁ।






ଅନ୍ଧକାର ଯେପରି ସଂସାରକୁ ଲୁଚାଇ ଦେଉଥାଏ, କାମନା ସେହିପରି ସତ୍ୟକୁ ଲୁଚାଇ ଦିଏ।

- ସେନେକା



## ସଂକ୍ଷେପରେ

### ଜଣେ ପ୍ରାର୍ଥୀ ଦାଖଲ କଲେ ନାମାଙ୍କନପତ୍ର

**କଟକ ଅଫିସ,୬।୪:** ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଚତୁର୍ଥ ପର୍ଯ୍ୟାୟ ମତଦାନ ପାଇଁ ଶନିବାର ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ହେଲେ ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଇସ୍ରାଇଲ ଖାଁ।

### ନିର୍ବାଚନ ଫ୍ଲାଇଂସ୍କ୍ୱାଡ୍‌ର ଯାନବାହନ ଚେକିଂ

**କଣ୍ଟାପଡ଼ା,୬।୪(ଡି.ଏନ୍.ଏ.):** ଆସନ୍ତା ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଫୁଲନଖରା ନିଆଳି ରାସ୍ତାର ବିଭିନ୍ନ ସ୍ଥାନରେ ଯାନବାହନ ଚେକିଂ ହୋଇଥିବା ଜଣାପଡିଛି। ଶନିବାର ପୂର୍ବାହ୍ନରେ ବରାହିପୁରଠାରେ ପ୍ରାୟ ୧୫୦ଟି ଗାଡିକୁ ଫ୍ଲାଇଂସ୍କ୍ୱାଡ ଚେକିଂ କରିଥିଲେ। ସେହିଭଳି ଅପରାହ୍ନ ୫ଟାରେ କଟକ ଜିଲା ୩ନଂ. ଫ୍ଲାଇଂସ୍କ୍ୱାଡ୍ ପକ୍ଷରୁ ବାଗଲପୁର ତ୍ରିଛକିଠାରେ ରାତି ୮ଟା ପର୍ଯ୍ୟନ୍ତ ପ୍ରାୟ ଶତାଧିକ ଗାଡିକୁ ଚେକିଂ କରାଯାଇଥିଲା। ଉଭୟ ଫ୍ଲାଇଂସ୍କ୍ୱାଡ୍‌କୁ ଓଲଟପୁର ଓ ଗୋବିନ୍ଦପୁର ପୋଲିସ ସହଯୋଗ କରିଥିଲେ।

### ବେଲଗଛିଆ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନରାଜ/କଟକ ଅଫିସ, ୬।୪:** ବାରଙ୍ଗ ବ୍ଲକ ଅନ୍ତର୍ଗତ ବେଲଗଛିଆ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳୀ ମାହାନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବେଲଗଛିଆ ସରପଞ୍ଚ ମାନିନୀ ସାହୁ, ମୁଖ୍ୟବକ୍ତା ପୃଥୀରାଜ ବେହେରା, ସମ୍ମାନିତ ଅତିଥି ଭାବେ ମିନତି ସ୍ୱାଇଁ, କିଶୋର ଚନ୍ଦ୍ର ପାଣି, ବାବୁଲି ଜେନା, ପୁଷ୍ପଲତା ବେହେରା, ଦୁଷ୍ମନ୍ତ ନାୟକ ଯୋଗଦେଇଥିଲେ। ଏହି ଅବସରରେ ବାର୍ଷିକ ମୁଖପତ୍ର 'କୁସୁମ କଳି' ଉନ୍ମୋଚିତ ହୋଇଥିଲା। ଏଥିସହ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସଙ୍ଗୀତ ସନ୍ଧ୍ୟା

**ନରାଜ/କଟକ ଅଫିସ, ୬।୪:** ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ମଞ୍ଚ ପ୍ରବେଶ ନାମକ ଏକ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଭଜନ, ଶାସ୍ତ୍ରୀୟ ସଙ୍ଗୀତ, ବାଦ୍ୟଯନ୍ତ୍ର ଓ ବଲିଉଡ ଚଳଚିତ୍ର ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସଭାପତି ରଞ୍ଜିତା କୁଲକର୍ଣ୍ଣି, କ୍ୟାପଟେନ ଚନ୍ଦ୍ରଶେଖର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧାପିକା ଅଧାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅରୁପା ଗାୟତ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

■ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନାମଲେଖାରେ ସମସ୍ୟା

# ବିଇଓ ଅଫିସରେ ତାଲା ପକାଇଲେ ଗ୍ରାମବାସୀ

**ଆଠଗଡ଼,୬।୪(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ଗ୍ରାମରେ ଥିବା ନୋଡାଲ ସ୍କୁଲରୁ ୭ମ ପାସ କରିଥିବା ଛାତ୍ରୀଛାତ୍ରଙ୍କ ୮ମ ଶ୍ରେଣୀରେ ନାମ ଲେଖାଇବାରେ ସମସ୍ୟା ସୃଷ୍ଟି ହୋଇଛି। ଏହାକୁ ନେଇ ଗ୍ରାମବାସୀ ଶନିବାର ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ ସହ ତାଲା ପକାଇ ବିକ୍ଷୋଭ କରିଛନ୍ତି।

ସରକାରଙ୍କ ନିୟମ ଅନୁଯାୟୀ ନୋଡାଲ ସ୍କୁଲରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରହିବ। ସେହି ଅନୁଯାୟୀ ଛାତ୍ରୀଛାତ୍ର ଅଧ୍ୟୟନ କରିବେ ବୋଲି ଗତବର୍ଷଠାରୁ ସରକାର ସ୍ଥିର କରିଛନ୍ତି। ତେବେ ଭିତ୍ତିଭୂମି ଅଭାବ ହେତୁ ଗତବର୍ଷ ଆଠଗଡ ବ୍ଲକର କେତୋଟି ସ୍କୁଲରେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରି ନ ଥିଲା। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟି ରଖି ଗତବର୍ଷ ୭ମ ପାସ କରିଥିବା ଛାତ୍ରୀଛାତ୍ରଙ୍କୁ କନ୍ଦରପୁର ହାଇସ୍କୁଲରେ ୮ମ ଶ୍ରେଣୀରେ ନାମଲେଖାଇବା ସୁବିଧା କରାଯାଇଥିଲା। ଚଳିତବର୍ଷ ନିୟମକୁ କଡାକଡି ପାଳନ କରାଯାଇଛି। ଅର୍ଥାତ ଯେଉଁ ସ୍କୁଲରେ ପିଲା ୭ମ ଶ୍ରେଣୀ ପାସ୍ କରିବେ ସେଠାରେ ହିଁ ୮ମରେ ପଢ଼ିବାକୁ କୁହାଯାଇଛି। କନ୍ଦରପୁର ନୋଡାଲ ସ୍କୁଲରେ ପ୍ରଧାନଶିକ୍ଷକଙ୍କ ସମେତ ୮ ଶିକ୍ଷକ ଅଛନ୍ତି। ୨୨୬ ଛାତ୍ରଛାତ୍ରୀ ପଢୁଥିବା ଏହି ସ୍କୁଲରେ ଆବଶ୍ୟକ ଶ୍ରେଣୀ ଗୃହ, ଚେୟାର, ଟେବୁଲ ଓ ସମସ୍ତ ବିଷୟର ଶିକ୍ଷକ ନ ଥିବା ଦର୍ଶାଇ ଅଭିଭାବକ ଛାତ୍ରୀଛାତ୍ରଙ୍କୁ ସେଠାରେ ନ ପଢ଼ାଇ କନ୍ଦରପୁର ହାଇସ୍କୁଲରେ ନାମ ଲେଖାଇବା ପାଇଁ ଅଡିବସିଥିଲେ। ଏପରି କି ନୋଡାଲ ସ୍କୁଲରରେ ୭ମ ଶ୍ରେଣୀରେ ପଢୁଥିବା ୩୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୮ଜଣ ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ର ନେଇ ସାରିଛନ୍ତି। ପ୍ରଧାନଶିକ୍ଷକ ଅମୀୟ ଦାସ ଅଭିଭାବକଙ୍କୁ ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ର ନ ନେବା ପାଇଁ ଜଣାଇଥିଲେ ହେଁ ଅଭିଭାବକ ଏହାକୁ ଉପେକ୍ଷା କରିଥିଲେ। ପ୍ରମାଣପତ୍ର ନେଇ ହାଇସ୍କୁଲରେ ନାମ ଲେଖାଇବା ପାଇଁ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ରଙ୍କୁ ଜଣାଇବାରେ ସରକାରୀ ନିୟମ ଅନୁଯାୟୀ ସେ ନାମ ଲେଖାଇବାକୁ ମନା କରିଥିଲେ। ଏ ନେଇ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ବେହେରାଙ୍କୁ ଜଣାଇଥିଲେ।

ବ୍ଲକ ଶିକ୍ଷାଧିକାରୀ ବେହେରା ସରକାରଙ୍କ ନିୟମ ସମ୍ବନ୍ଧରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ତେବେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଦୃଷ୍ଟିକୋଣରୁ ବ୍ଲକ୍ ଶିକ୍ଷାଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଅଡିବସିଥିଲେ। ସରପଞ୍ଚ ପରମାନନ୍ଦ ବେହେରା, ପୂର୍ବତନ ସରପଞ୍ଚ ବିଚିତ୍ରାନନ୍ଦ ସେଠୀ, ସ୍କୁଲ ପରିଚାଳନା କମିଟି ସମ୍ପାଦକ ସୁକାନ୍ତ ସାହୁଙ୍କ ସମେତ କନ୍ଦରପୁର, ନଣ୍ଡାଇଲୋ ଓ ରାଉତରାପୁରର ବହୁ ଗ୍ରାମବାସୀ ପୂର୍ବାହ୍ନରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସି କର୍ମଚାରୀଙ୍କୁ ଅଫିସରୁ ବାହାରି ଯିବାପାଇଁ ପରାମର୍ଶ ଦେଇଥିଲେ। କର୍ମଚାରୀ ବାହାରକୁ ଯିବାପରେ ଗ୍ରାମବାସୀ ଅଫିସରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ବେହେରା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବାରୁ ଉପସ୍ଥିତ ନ ଥିଲେ। ଖବର ପାଇ କାର୍ଯ୍ୟାଳୟକୁ ଆସି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପରେ ଗ୍ରାମବାସୀ ତାଲା ଖୋଲି ବ୍ଲକ ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରି ଆନ୍ଦୋଳନରୁ ଓହରିଥିଲେ।



ବିଇଓ ଅଫିସ ଆଗରେ ଗ୍ରାମବାସୀ ପ୍ରତିବାଦ କରୁଛନ୍ତି।

■ ନୋଡାଲ ସ୍କୁଲରେ ପଢ଼ାଇବାକୁ ଚାହୁଁନାହାନ୍ତି ଅଭିଭାବକ

■ ଭିତ୍ତିଭୂମି ନ ଥିବା କହି ମୁହଁ ଫେରାଉଛନ୍ତି

# ଏକତା ହିଁ ମହାଭାରତୀୟ ସଂସ୍କୃତିର ବଳିଷ୍ଠ ପରିଚୟ



ନିଖିଳ ଉତ୍କଳ ଶ୍ରୀ ଅରବିନ୍ଦ ପାଠଚକ୍ର ସମ୍ମିଳନୀରେ ଯୋଗଦେଇଥିବା ବ୍ୟକ୍ତିବୃନ୍ଦ।

**କଟକ ଅଫିସ,୬।୪**

ବର୍ଷବର୍ଷ ଧରି ବେଦ, ବେଦାନ୍ତ ଓ ଉପନିଷଦର ଧାରା ଅନୁସରଣ କରିଆସିଥିବା ଭାରତବାସୀ ବଂଶାନୁକ୍ରମିକ ଗୁଣ ଭାବେ ସତକୁ ଧାରଣ କରିଆସିଛନ୍ତି। ବିଭିନ୍ନତା ମଧ୍ୟରେ ଏକତା ହିଁ ମହାଭାରତୀୟ ସଂସ୍କୃତିର ବଳିଷ୍ଠ ପରିଚୟ ହୋଇଥିଲା ବେଳେ ଏହି ଐକଭାବ ହିଁ ଭାରତର ଭବିଷ୍ୟତକୁ ସୁନିଶ୍ଚିତ କରିଛି ବୋଲି ସ୍ଥାନୀୟ ମାତୃଭବନଠାରେ ଶନିବାର ଅନୁଷ୍ଠିତ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ତୃତୀୟ ସନ୍ଧ୍ୟାରେ ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଗଦାଧର ମିଶ୍ର ପୌରୋହିତ୍ୟ ଓ ପ୍ରସାଦ ତ୍ରିପାଠୀ ତତ୍ତ୍ୱାବଧାନ କରିଥିଲେ। ତୃତୀୟ ସନ୍ଧ୍ୟାରେ ଆଲୋଚନାର ବିଷୟବସ୍ତୁ ଥିଲା 'ଭାରତର ନିଶ୍ଚିତ ଭବିଷ୍ୟତ'। ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ଡ. ଆଲୋକ ପାଣ୍ଡେ ଯୋଗଦେଇ କହିଥିଲେ, ଦେଶ ପ୍ରତି ଦାୟିତ୍ୱବୋଧତା ସହିତ ମାତୃଭୂମିର ବନ୍ଦନା ଏବଂ ସତ ଆରାଧନା କରିବା ପ୍ରତ୍ୟେକ ଭାରତୀୟଙ୍କର କର୍ତ୍ତବ୍ୟ। ଅନ୍ୟତମ ବକ୍ତା କଲିକତାର ଅଧ୍ୟାପକ ବିଶ୍ୱନାଥ ରାୟ କହିଥିଲେ, ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଉଦ୍‌ଘୋଷଣା ଅନୁସାରେ ଭାରତ ହିଁ ହେବ ବିଶ୍ୱଗୁରୁ। ମନୁଷ୍ୟ କେବଳ ଏକ ଚିନ୍ତାଶୀଳ, ବାକଶୀଳ ପ୍ରାଣୀ ହୋଇ ରହିବନାହିଁ। ସହିଷ୍ଣୁତା, ଆତ୍ମୀୟତା ଓ ସୌନ୍ଦର୍ଯ୍ୟବୋଧ ଭାରତର ଦୃଷ୍ଟିକୋଣ ବୋଲି ସେ ମତବ୍ୟକ୍ତ କରିଛନ୍ତି। ପ୍ରାରମ୍ଭରେ ଅଜୟ କୁମାର ବାରିକ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଶ୍ରୀଅରବିନ୍ଦ କଳାକେନ୍ଦ୍ରର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ଯନ୍ତ୍ରୀଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ୧.୪୧ କୋଟି ଟଙ୍କାର ସମ୍ପତ୍ତି ଠାବ

**କଟକ ଅଫିସ, ୬।୪**

ଢେଙ୍କାନାଳ ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସତ୍ୟାନନ୍ଦ ଦାସଙ୍କ ବିରୋଧରେ ଭିଜିଲାନ୍ସ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ କରିଛି। ଯନ୍ତ୍ରୀ ଦାସ ଗତ ମାର୍ଚ୍ଚ ୨୯ରେ ୩୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏ ନେଇ ୯/୨୦୧୯ରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ଦାସଙ୍କ ଭୁବନେଶ୍ୱର ସ୍ଥିତ ଘର, ଢେଙ୍କାନାଳସ୍ଥିତ ଅଫିସ ଆଦି ସ୍ଥାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ମୋଟ ୧କୋଟି ୪୧ଲକ୍ଷ ୫୧ହଜାର ୯୯୮ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମିଳିଥିଲା। ଠାବ କରାଯାଇଥିବା ସମ୍ପତ୍ତିଗୁଡିକ ଅନୁଯାୟୀ ଅନୁଗୋଳଠାରେ ତାଙ୍କର ୪୭ଲକ୍ଷ ୨୫ହଜାର ଟଙ୍କା ମୂଲ୍ୟର ଦୁଇମହଲା କୋଠା ଥିବାବେଳେ ୪୫ଲକ୍ଷ ଟଙ୍କା ମୂଲ୍ୟର ଟେରାକ୍ସ ଟିଏଲବି ଲୋଡର, ୬ଲକ୍ଷ ୪୪ହଜାର ୮୬୮ ଟଙ୍କା ମୂଲ୍ୟର କାର, ୪୨ହଜାର ଟଙ୍କା ମୂଲ୍ୟର ଆକ୍ଟିଭା ସ୍କୁଟର, ୧୦ଲକ୍ଷ ୪ହଜାର ୬୦ଟଙ୍କା ମୂଲ୍ୟର ସୁନାରୁପା ଗହଣା ରହିଛି। ସେହିପରି ଯନ୍ତ୍ରୀ ଦାସଙ୍କ ୧୩ଲକ୍ଷ ୭୯ହଜାର ୧୬୯ଟଙ୍କାର ବ୍ୟାଙ୍କ ଜମା ଥିବା ବେଳେ ୧୧ଲକ୍ଷ ୨୮ହଜାର ୩୭୬ଟଙ୍କାର ବୀମା ଜମା ଥିବା ଭିଜିଲାନ୍ସ ସୂଚନା ଦେଇଛି। ଏହାବାଦ୍ ଯନ୍ତ୍ରୀଙ୍କ ଘରୁ ୫ଲକ୍ଷ ଟଙ୍କା ମୂଲ୍ୟର ଆସବାବପତ୍ର ଓ ନଗଦ ୪୨ହଜାର ୫୦୦ ଟଙ୍କା ଭିଜିଲାନ୍ସ ଠାବ କରିଛି। ଉପରୋକ୍ତ ସମ୍ପତ୍ତି ଠାବ କରିବା ପରେ ଭିଜିଲାନ୍ସ ପକ୍ଷରୁ ଦାସଙ୍କର ଆୟବ୍ୟୟର ହିସାବ କରାଯାଇଥିଲା। ହିସାବରୁ ୧କୋଟି ୩୦ଲକ୍ଷ ୯୩ହଜାର ୪୯୦ଟଙ୍କାର ସମ୍ପତ୍ତି ଆୟ ବହିର୍ଭୂତ ଥିବା ଭିଜିଲାନ୍ସ ସୂଚନା ଦେଇଛି। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଯନ୍ତ୍ରୀ ଦାସଙ୍କ ବିରୋଧରେ ୧୧/୨୦୧୯ରେ ଏକ ମାମଲା ରୁଜୁ କରାଯାଇଛି।

# ୯୩ ବୁଥ୍ ଅତି ସମ୍ବେଦନଶୀଳ

**କଟକ ସଦର,୬।୪(ଡି.ଏନ୍.ଏ.)**

**କଟକ ସଦର ସଂରକ୍ଷିତ ନିର୍ବାଚନମଣ୍ଡଳୀ**

ଚଳିତ ସାଧାରଣ ନିର୍ବାଚନରେ କଟକ ସଦର ସଂରକ୍ଷିତ ନିର୍ବାଚନମଣ୍ଡଳୀର ୯୩ଟି ବୁଥକୁ ଅତି ସମ୍ବେଦନଶୀଳ ବୋଲି କଟକ ଜିଲା ପ୍ରଶାସନ ଚିହ୍ନଟ କରିଛି। ଏହିସମସ୍ତ ବୁଥରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ସହ ଭିଡିଓଗ୍ରାଫି ଓ ପର୍ଯ୍ୟବେକ୍ଷକଙ୍କୁ ମୁତୟନ କରାଯିବ। କଟକ ସଦର ଥାନା, ମଧୁପାଟଣା, କନ୍ଦରପୁର, କିଶନନଗର, ନେମାଳ ଓ ଚାଉଳିଆଗଞ୍ଜ ଥାନା ରିପୋର୍ଟକୁ ଭିତ୍ତିକରି ଏହି ବୁଥମାନଙ୍କୁ ଚିହ୍ନଟ କରାଯାଇଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ପାଇଛି। ଉକ୍ତ ନିର୍ବାଚନମଣ୍ଡଳୀର ମୋଟ ୨୩୩ ବୁଥ ମଧ୍ୟରୁ କଟକ ସଦର ବ୍ଲକ ଅଞ୍ଚଳରେ ୧୩୨ଟି, ନିଶ୍ଚିନ୍ତକୋଇଲି ବ୍ଲକରେ ୫୯ଟି ଓ କଟକ ମହାନଗର ନିଗମ ଅଞ୍ଚଳରେ ୪୨ଟି ବୁଥ୍ ରହିଛି। ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି କମିଶନରେଟ ପୋଲିସ ଓ କଟକ ଗ୍ରାମାଞ୍ଚଳ ପୋଲିସ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଜଣାପଡିଛି।

# ମହିଳାଙ୍କୁ ପୋଡ଼ି ମାରି ଦେଇଥିବା ଅଭିଯୋଗ

**ସାଲେପୁର,୬।୪(ଡି.ଏନ.ଏ.)**

ସାଲେପୁର ଥାନା ଅଧୀନ ଶିଶୁଆ ଗ୍ରାମରେ ଜଣେ ମହିଳାଙ୍କୁ ପୋଡ଼ି ମାରି ଦିଆଯାଇଥିବା ଶନିବାର ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛି। ମାହାଙ୍ଗା ଥାନା ପଣସପୁର ଗ୍ରାମର ସକୁନ୍ତଳା ସାହୁଙ୍କ ଅଭିଯୋଗ ଅନୁଯାୟୀ, ଶିଶୁଆ ଗ୍ରାମର ବାବୁଲି ବେହେରାଙ୍କ ସହ ବୈଦିକମତେ ତାଙ୍କ ଝିଅ ଗୀତାଞ୍ଜଳିଙ୍କ ବିବାହ ହୋଇଥିଲା। ବିବାହ ପରେ ଶାଶୁଘର ଲୋକେ ଗୀତାଞ୍ଜଳିଙ୍କୁ ନିର୍ଯାତନା ଦେଉଥିଲେ। ଶୁକ୍ରବାର ଶାଶୁଘର ଲୋକେ ତାଙ୍କ ଝିଅ ଗୀତାଞ୍ଜଳିଙ୍କୁ ବିଳମ୍ବିତ ରାତିରେ ମାରି ପୋଡ଼ିଦେଇଥିବା ସକୁନ୍ତଳା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ମାମଲା ନଂ.୭୯/୧୯ ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ବିଳମ୍ବିତ ରାତ୍ରରେ ଘରେ ନିଆଁ ଲାଗିବାରୁ ଗୀତାଞ୍ଜଳି ପୋଡ଼ିଯାଇ ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବ ଗୀତାଞ୍ଜଳିଙ୍କ ଶାଶୁଘର ଲୋକେ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଭାଜପାର ପ୍ରତିଷ୍ଠା ଦିବସ, ପଦଯାତ୍ରା

**ଚୌଦ୍ୱାର,୬।୪(ଡି.ଏନ୍.ଏ.)**

ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ଶନିବାର ୪୦ତମ ପ୍ରତିଷ୍ଠା ଦିବସ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ନୟନ କିଶୋର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ପଦଯାତ୍ରା ପୌରାଞ୍ଚଳ ୧ନଂ. ୱାର୍ଡରୁ ବାହାରି ଯାତ୍ରା ପଡିଆଠାରେ ଶେଷ ହୋଇଥିଲା। ଏହି ପଦଯାତ୍ରାରେ କଟକ ଲୋକ ସଭା ଭାଜପା ପ୍ରାର୍ଥୀ ପ୍ରକାଶ ମିଶ୍ର, ଆଠଗଡ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ବ୍ରଜେନ୍ଦ୍ର ରାୟ, ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ବେହେରା ଓ ପ୍ରଭାରୀ ପ୍ରାଣବନ୍ଧୁ ସେନାପତି ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପରେ ଚୌଦ୍ୱାର ମଣ୍ଡଳ ସଭାପତି ବୈରାଗୀ ଚରଣଙ୍କ ଅଧ୍ୟକ୍ଷତାରେ ଯାତ୍ରାପଡିଆସ୍ଥିତ କ୍ଲବ ଗୃହରେ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ଯୋଗଦେଇ ଭାଜପା ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ହୋତା, ଅଜିତ୍ ସୁବୁଦ୍ଧିରାୟ, ଜୟନ୍ତ ସ୍ୱାଇଁ, ରମେଶ ଚନ୍ଦ୍ର ନାୟକ, ପ୍ରବକ୍ତା ପ୍ରକାଶ ବଡଜେନାଙ୍କ ସମେତ ଚୌଦ୍ୱାର ଓ କଟକ ଅଞ୍ଚଳର ବହୁ ଭାଜପା କର୍ମୀ ଯୋଗଦେଇଥିଲେ।

# ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କଲେ ପର୍ଯ୍ୟବେକ୍ଷକ

**କଟକ ଅଫିସ, ୬।୪**

କଟକ ଜିଲା ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଆନନ୍ଦରାଓ ବିଷ୍ଣୁ ପାଟିଲ ଓ ଏ.ଭି.କାଲାରିଆ ଶନିବାର ଜିଲାରେ ନିର୍ବାଚନ ପରିଚାଳନାର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଉପରେ ସୂଚନା ଦେଇଥିଲେ। ଯଥା ଭୋଟ୍ ଗ୍ରହଣ କେନ୍ଦ୍ରରେ ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମମାନଙ୍କ ପାଇଁ ର୍‍ୟାମ୍ପ ଓ ରେଲିଂ ବ୍ୟବସ୍ଥା, ପୋଲିଂ ଅଧିକାରୀମାନଙ୍କ ପାଇଁ ଯାନବାହନର ସୁବନ୍ଦୋବସ୍ତ, ସମ୍ବେଦନ ଓ ଅତି ସମ୍ବେଦନଶୀଳ ବୁଥଗୁଡିକରେ ସିସିଟିଭିର ବ୍ୟବସ୍ଥା, ଇଭିଏମ୍ ରକ୍ଷଣାବେକ୍ଷଣ ପାଇଁ ଷ୍ଟ୍ରଙ୍ଗରୁମର ଉପଯୁକ୍ତ ବ୍ୟବସ୍ଥା ଓ ରାଜନୈତିକ ଦଳମାନେ ଆଦର୍ଶ ଆଚରଣ ବିଧିର ଠିକ୍ ଅନୁପାଳନ ସମ୍ବନ୍ଧରେ ପର୍ଯ୍ୟବେକ୍ଷକମାନଙ୍କୁ ଜିଲାପାଳ ଅବଗତ କରାଇଥିଲେ। ଅନ୍ୟପକ୍ଷରେ ଆଦର୍ଶ ଆଚରଣ ବିଧି ପାଳନ ସମୟରେ ଧାର୍ମିକସ୍ଥଳରେ କୌଣସି ରାଜନୈତିକ କାର୍ଯ୍ୟକଳାପ କରା ନ ଯିବା, ଭୋଟଗ୍ରହଣ ନିମନ୍ତେ ପୋଲିଂ ପାର୍ଟି ମୁତୟନ, ତ୍ରୁଟିଶୂନ୍ୟ ଗାଡି ବ୍ୟବସ୍ଥା, ସମ୍ବେଦନଶୀଳ ବୁଥଗୁଡିକରେ ଅଣୁ ପର୍ଯ୍ୟବେକ୍ଷକ ନିଯୁକ୍ତି ଉପରେ ପାଟିଲ ଓ କାଲାରିଆ ଗୁରୁତ୍ୱାରୋପ କରିଥିଲେ। ସେହିପରି ପୋଲିସ ପକ୍ଷରୁ ବୁଥ୍‌ଗୁଡିକରେ ପୋଲିସ ବ୍ୟବସ୍ଥା , ଫ୍ଲାଇଙ୍ଗ୍ ସ୍କ୍ୱାଡ ପକ୍ଷରୁ ଗାଡି ତନଖି, ଜାମିନ ବିହୀନ ପରୱାନା ଜାରି, ବେଆଇନ ନିଶା କାରବାରକୁ ବନ୍ଦ କରାଇବା ଆଦି ପୋଲିସ ବ୍ୟବସ୍ଥା ସମ୍ପର୍କରେ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ, ସି-ଭିଜିଲ ଆପ ଦ୍ୱାରା ଆସିଥିବା ଅଭିଯୋଗ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସହକାରୀ ଜିଲାପାଳ ଅଳକାରାଣୀ ଦେବତା ପର୍ଯ୍ୟବେକ୍ଷକମାନଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ଗ୍ରାମାଞ୍ଚଳ ଏସ୍‌ପି ରାଧା ବିନୋଦ ପାଣିଗ୍ରାହୀଙ୍କ ସମେତ ସମସ୍ତ ସହକାରୀ ରିଟର୍ନିଂ ଅଧିକାରୀ ଉପସ୍ଥିତ ଥିଲେ ।



କଟକ ଶହୀଦ ଭବନରେ ଅଗ୍ରବଂଶୀ ପକ୍ଷରୁ ଶନିବାର ଅନୁଷ୍ଠିତ ହିନ୍ଦୁ ନବ ବର୍ଷ ଓ ବନ୍ଧୁମିଳନ ଉତ୍ସବରେ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।



କଟକ ବାରବାଟୀ ଷ୍ଟାଡିୟମ ପରିସରରେ ଐକ୍ୟାଟା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ତେଲୁଗୁ ନବ ବର୍ଷ ଉତ୍ସବ ପାଳନ ଅବସରରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।




କଟକ ଶ୍ରୀରାମ ଚନ୍ଦ୍ର ଭବନରେ ବିଜୟ କୁମାର ପଢ଼ିହାରୀଙ୍କ ରଚିତ ପୁସ୍ତକ 'ଚର୍ଚ୍ଚିତ ଚୀନ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।





ଅନ୍ଧକାର ଯେପରି ସଂସାରକୁ ଲୁଚାଇ ଦେଇଥାଏ, କାମନା ସେହିପରି ସତ୍ୟକୁ ଲୁଚାଇ ଦିଏ।

- ସେନେକା



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁ ମୃତ

ବୋଲଗଡ଼,୬।୪(ଡି.ଏନ୍.ଏ.)- ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ସହଜପୁର ଗ୍ରାମ ମୁଣ୍ଡରେ ଥିବା ପୋଖରୀରେ ବୁଡ଼ି ଶନିବାର ଜଣେ ଶିଶୁର ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଧେଡ଼ି କହଲସିଂହଙ୍କ ୨ବର୍ଷର ପୁତ୍ର ଓମ୍‌ପ୍ରକାଶ। ଓମ୍ ଦ୍ୱିପ୍ରହରରେ ଘରେ ନ ଥିବା ଜାଣିପାରି ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ଏହି ଖବର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### କାର ଚାଳକଙ୍କୁ ମାଡ଼ ମାରି ଲୁଟ: ୪ ଗିରଫ

ପାତ୍ରପଡା,୬।୪(ଡି.ଏନ.ଏ.) ଶୁକ୍ରବାର ବିଳମ୍ବିତ ରାତିରେ ଜଣେ କାର ଚାଳକଙ୍କୁ ମାଡମାରି ଲୁଟ୍ ଘଟଣାରେ ଖଣ୍ଡଗିରି ଥାନା ପୋଲିସ ୪ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଜାଗମରା ଅଞ୍ଚଳର ସନ୍ଦେଶ ଭଞ୍ଜ(୨୦), ତପନ ଭୋଇ(୧୯), ଆଇଗିଣିଆ ଅଞ୍ଚଳର ଶ୍ରୀଧର ପଟ୍ଟନାୟକ ଓ ଡୁମୁଡୁମା ଫେଜ-୧ ଅଞ୍ଚଳରେ ମାନସ ସେଠୀ(୧୯)। ଅଭିଯୁକ୍ତମାନେ ଶୁକ୍ରବାର ରାତିରେ ଖଣ୍ଡଗିରି ପେଟ୍ରୋଲ ପମ୍ପ ନିକଟରେ କାର ଚାଳକ ସନ୍ତୋଷ ବେହେରାଙ୍କୁ ଅଟକାଇ ତାଙ୍କ ମୋବାଇଲ ଫୋନକୁ ଭାଙ୍ଗିବା ସହ ମାଡମାରି ୩ ହଜାର ୬ଶହ ଟଙ୍କା ଛଡାଇ ନେଇଥିଲେ। ସନ୍ତୋଷଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୯୪/୧୯ରେ ମାମଲା ରୁଜୁ କରିଥିଲା।

### ଭିଡ଼ିଓ କନ୍‌ଫରେନ୍ସରେ କୋହିନୂର ହୀରାର ଇତିହାସ

ଖୋର୍ଦ୍ଧା ଅଫିସ,୬।୪:ଭିଡ଼ିଓ କନ୍‌ଫରେନ୍ସରେ କୋହିନୂର ହୀରାର ଇତିହାସ ପ୍ରସଙ୍ଗ ଶନିବାର ସ୍ଥାନ ପାଇଛି। ଏହି ଭିଡ଼ିଓ କନ୍‌ଫରେନ୍ସରେ ଖୋର୍ଦ୍ଧାର ପ୍ରାବନ୍ଧିକ ଉମା ଶଙ୍କର ପ୍ରସାଦ, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ବିଜୁ ହରିଚନ୍ଦନ, ସହକାରୀ ଜିଲାପାଳ ଏବଂ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରଜିତ୍ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୋହିନୂର ପୃଥିବୀର ସର୍ବାଧିକ ଅପଖ୍ୟାତ ହୀରାର ଇତିହାସ ଉପରେ ବିଶିଷ୍ଟ ଶିକ୍ଷାବିତ୍ ଉଇଲିୟମ୍ ଡାଲରମ୍ପିଲ୍ ନିଜର ଦୀକ୍ଷାନ୍ତ ଭାଷଣ ଭିଡିଓ କନ୍‌ଫରେନ୍ସରେ ରଖିଥିଲେ। ସମ୍ପୃକ୍ତ ହୀରା ଯେଉଁ ପୁରୁଷ ପାଖରେ ରହିବ ସେ ପୃଥିବୀର ସମସ୍ତ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିବ। ଏହି ହୀରାର ମୋହ ମୋଗଲ ରାଜାମାନଙ୍କଠାରୁ ଆରମ୍ଭ କରି ନାଦିର ଶାହା ତଥା ଇଂରେଜ ପ୍ରଶାସକ ଲର୍ଡ ଡେଲହାଉସୀ ଓ ଲର୍ଡ କ୍ୟାନିଂ ଆସିଥିଲେ। ଜଣାପଡେ ଏହି ହୀରା ମହମ୍ମଦ ଘୋରୀ ଏବଂ ଚେଦି ବଂଶର ରାଜାମାନଙ୍କ ପାଖରେ ଥିଲା।ପରେ ହୀରା ଖିଲିଜ ବଂଶ, କାକତୀୟ ବଂଶର ରାଜାମାନଙ୍କ ପାଖରେ ଥିଲା। ହୀରାର ଦୁରୁପଯୋଗ ଯୋଗୁ ଅନେକଙ୍କର ବିନାଶ ହୋଇଥିଲା।

### ପିସିସି ସଂଖ୍ୟାଲଘୁ ସେଲର ଭାଇସ୍ ଚେୟାରମ୍ୟାନଙ୍କ ଇସ୍ତଫା

ଖୋର୍ଦ୍ଧା ଅଫିସ,୬।୪: ପିସିସି ସଂଖ୍ୟାଲଘୁ ସେଲର ଭାଇସ୍ ଚେୟାରମ୍ୟାନ ଏମ.ଡି. ଆରିଫ ଶନିବାର ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି। ସେ ଇସ୍ତଫାର କାରଣ ଦର୍ଶାଇ ନାହାନ୍ତି।

■ ଚିଲିକା ନିର୍ବାଚନମଣ୍ଡଳୀ

# ଚତୁର୍ମୁଖୀ ଲଢ଼େଇ, ସମୀକରଣ ଅନିଶ୍ଚିତତା

ବାଲୁଗାଁ,୬।୪(ଡି.ଏନ.ଏ.)



ପୃଥ୍ୱୀରାଜ ହରିଚନ୍ଦନ



ପ୍ରଶାନ୍ତ ଜଗଦେବ



ପ୍ରଦୀପ କୁମାର ସ୍ୱାଇଁ



ଲଲାଟେନ୍ଦୁ ଶତପଥୀ

ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀରେ ଆସନ୍ତା ୨୩ ତାରିଖ ତୃତୀୟ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ଇତି ମଧ୍ୟରେ ସମସ୍ତ ପ୍ରାର୍ଥିପତ୍ର ଦାଖଲ ସରିଛି। ଚଳିତ ବିଧାନସଭା ନିର୍ବାଚନରେ ଏଠାରେ ୪ ପ୍ରମୁଖ ଦଳର ନୂତନ ପ୍ରାର୍ଥୀଙ୍କୁ ନେଇ ଲଢ଼େଇ ହେଉଛି। ବିଜେଡିରୁ ପ୍ରଶାନ୍ତ ଜଗଦେବ, ଭାଜପାରୁ ପୃଥ୍ୱୀରାଜ ହରିଚନ୍ଦନ ଓ କଂଗ୍ରେସରୁ ପ୍ରଦୀପ କୁମାର ସ୍ୱାଇଁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଲାଟେନ୍ଦୁ ଶତପଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନୂତନ ପ୍ରାର୍ଥୀ ଯୋଗୁ ଦଳୀୟ ଅସ୍ଥିରତା ଲାଗି ରହିଥିବା ବେଳେ ଭୋଟ କାହା ସପକ୍ଷରେ ଯିବ ସେ ନେଇ ସମୀକରଣରେ ଅନିଶ୍ଚିତତା ଦେଖାଦେଇଛି। ଚିଲିକା ରାଜନୀତି କ୍ଷେତ୍ରରେ ନୂତନ ମୁହଁକୁ ଭୋଟର ମଧ୍ୟ ସହଜରେ ଗ୍ରହଣ କରିପାରୁନାହାନ୍ତି।ଏବେ ଠାରୁ ପ୍ରମୁଖ ଦଳ ପକ୍ଷରୁ ନେତାମାନେ ଗାଁ ଗାଁ ବୁଲି ନିର୍ବାଚନୀ ପ୍ରଚାର ଓ ଭୋଟ ଭିକ୍ଷାରେ ଲାଗିପଡ଼ିଛନ୍ତି। ୨୦୦୯ ମସିହାରେ ଚିଲିକାରୁ ବିଧାୟକ ଭାବେ ବିଜେଡି ପ୍ରାର୍ଥୀ ରଘୁନାଥ ସାହୁ ବିଜୟୀ ହୋଇଥିଲେ। ପରବର୍ତ୍ତୀ ୨୦୧୪ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ନେତା ଡ. ବିଭୂତି ଭୂଷଣ ହରିଚନ୍ଦନଙ୍କ ଠାରୁ ୫୪୬ଭୋଟରେ ରଘୁନାଥ ହାରିଯାଇଥିଲେ। ଦୀର୍ଘ ୫ବର୍ଷ ମଧ୍ୟରେ ବିଜେଡି ସଂଗଠନକୁ ସୁଦୃଢ଼ ନିମନ୍ତେ ରଘୁନାଥ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଥିଲେ ହେଁ ଶେଷ ପର୍ଯ୍ୟାୟରେ ତାଙ୍କୁ ଟିକେଟରୁ ବଞ୍ଚିତ କରାଯାଇଥିଲା। ତେବେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କୁ ସେ ସମର୍ଥନ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଡ. ବିଭୂତି ଭୂଷଣ ହରିଚନ୍ଦନ କୌଣସି କାରଣରୁ ଚଳିତ ନିର୍ବାଚନରୁ ଦୂରେଇ ଯାଇ ପୁତୁରା ପୃଥ୍ୱୀରାଜଙ୍କୁ ଏଠାରେ ବିଜୟୀ କରିବା ନିମନ୍ତେ ସଂକଳ୍ପବଦ୍ଧ ହୋଇଛନ୍ତି। ଅପରପକ୍ଷେ ଚିଲିକାରେ ଗତ ୫ବର୍ଷ ମଧ୍ୟରେ ସଂଗଠନକୁ ସୁଦୃଢ଼ କରିଥିବା କଂଗ୍ରେସ ନେତା ପ୍ରଦୀପ ସ୍ୱାଇଁଙ୍କ ମଧ୍ୟ ଜନ ସମର୍ଥନ ରହିଛି। ଦଳୀୟ ସଂଗଠନ ଓ ଜାତୀୟ କଂଗ୍ରେସ କ୍ଷେତ୍ରରେ ରାହୁଲ ଗାନ୍ଧୀଙ୍କ ନିର୍ବାଚନୀ ଇସ୍ତାହର ପ୍ରତିଶ୍ରୁତିକୁ ଅସ୍ତ୍ର କରି ବିଧାୟକ ପ୍ରାର୍ଥୀ ସ୍ୱାଇଁ ଭୋଟରଙ୍କୁ ମନେଇବାରେ ଲାଗିଛନ୍ତି। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ଚାଷରେ ଉନ୍ନତି, ମହିଳା ସଶକ୍ତୀକରଣ ପ୍ରମୁଖ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସହ ବିଜେଡି ସରକାର ସମୟରେ ହୋଇଥିବା ବିଭିନ୍ନ ଜନହିତକର ଯୋଜନାକୁ ବିଜେଡି ମୁଖ୍ୟ ପ୍ରସଙ୍ଗ କରି ଭୋଟରଙ୍କୁ ଆପଣାଇବାରେ ଲାଗିଛି । ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ଶ୍ରମିକ ଓ କୃଷି ସମସ୍ୟା ଆଦି ପ୍ରମୁଖ ଘଟଣା ଉପରେ ଫୋକସ୍ କରି ଭାଜପା ନିର୍ବାଚନ ମଇଦାନରେ ପ୍ରଚାର ଜୋର ଚଳାଇବା ସହ ଭୋଟରଙ୍କ ନିକଟତର ହେବାରେ ଲାଗିଛି। ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣି ଏହାର ସମାଧାନ କ୍ଷେତ୍ରରେ ପ୍ରତିଶ୍ରୁତି ପାଳନ କରିବା ନିମନ୍ତେ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛି। ସେହିପରି ୩ ପ୍ରମୁଖ ରାଜନୈତିକ ଦଳ ବିପକ୍ଷରେ ପ୍ରଚାର କରି ସ୍ୱାଧୀନ ପ୍ରାର୍ଥୀ ଭୋଟରଙ୍କୁ ମନେଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ତେବେ ଏଠାରେ ଲଢ଼େଇ ଜୋରଦାର ଜାରି ରହିଥିବା ବେଳେ ପ୍ରତ୍ୟେକ ଦଳପାଇଁ ଜିତିବା ସମ୍ମାନର ପ୍ରଶ୍ନ ହୋଇଛି।

## କ୍ରିକେଟ ଖେଳୁଥିବା ବେଳେ ରେଲୱେ କର୍ମଚାରୀଙ୍କ ମୃତ୍ୟୁ

ଜଟଣୀ,୬।୪(ଡି.ଏନ.ଏ.):

ଏମିତି ବି ଆସେ ମୃତ୍ୟୁ। କ୍ରିକେଟ ଖେଳୁଥିବା ବେଳେ ହୃଦ୍‌ଘାତରେ ଜଣେ ରେଲୱେ କର୍ମଚାରୀଙ୍କ ଶନିବାର ସକାଳେ ମୃତ୍ୟୁ ଘଟିଛି। ତାଙ୍କ ନାମ ଅଜିତ କୁମାର ସିଂ(୩୧)। ସେ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନର ବାଣିଜ୍ୟ ବିଭାଗରେ ଟିଟିଇ ଭାବେ କାର୍ଯ୍ୟ କରୁଥିଲେ। ରବିବାର ତଥା ୭ ତାରିଖରୁ ରେଲୱେ ପକ୍ଷରୁ ଆନ୍ତଃ ବିଭାଗସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ରେଲୱେର ବିଭିନ୍ନ ଡିପାର୍ଟମେଣ୍ଟ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଏଥିପାଇଁ ମନୋନୀତ ବିଭିନ୍ନ ଡିପାର୍ଟମେଣ୍ଟର କର୍ମଚାରୀମାନେ କିଛିଦିନ ହେବ ଦୈନିକ କ୍ରିକେଟ ଖେଳ ଅଭ୍ୟାସ କରିଆସୁଛନ୍ତି। ଅଜିତ କାର୍ଯ୍ୟ କରୁଥିବା ବାଣିଜ୍ୟ ବିଭାଗର ଖେଳାଳିମାନେ ସ୍ଥାନୀୟ ନୂଆଗାଁସ୍ଥିତ ଖେଳପଡିଆରେ ଅନ୍ୟଦିନ ପରି ଶନିବାର ସକାଳେ ପ୍ରାକ୍ଟିସ କରୁଥିଲେ। ଖେଳୁଥିବା ସମୟରେ ହଠାତ୍ ଅଜିତ୍‌ଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ସାଥୀ ଖେଳାଳି ତଥା କର୍ମଚାରୀମାନେ ରେଲୱେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଜିତଙ୍କ ମୃତ୍ୟୁରେ ରେଲୱେ କର୍ମଚାରୀ ମହଲରେ ଶୋକର ଛାୟା ଖେଳିଯାଇଛି।





କେରଙ୍ଗ ଇଦ୍‌ଗାହ୍ ପ୍ରାଙ୍ଗଣରେ ଶନିବାର ୫୫ତମ ବାର୍ଷିକ ସର୍ବ ଧର୍ମ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ ।

ନରଣଗଡ଼ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣା ରାୟ ପ୍ରକାଶ

# ୨ ଅଭିଯୁକ୍ତଙ୍କୁ ୭ ବର୍ଷ କାରାଦଣ୍ଡାଦେଶ

ଖୋର୍ଦ୍ଧା ଅଫିସ,୬।୪

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ନରଣଗଡସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାର ରାୟ ଶୁକ୍ରବାର ପ୍ରଥମ ଶ୍ରେଣୀ ଅତିରିକ୍ତ ଜିଲା ଦୌରାଜଜ ଧନୁର୍ଦ୍ଧର ସେନାପତିଙ୍କ କୋର୍ଟରେ ପ୍ରକାଶ ପାଇଛି। ଏହି ଘଟଣାରେ ଗିରଫ ହୋଇ ଜେଲରେ ଥିବା ଗଞ୍ଜାମ ଜିଲା ବୁଗୁଡା ଥାନା ଜଗତପାଟଣା ଗାଁର ଅର୍ଜୁନ କର(୨୯) ଓ ଅରବିନ୍ଦନଗରର ଭଗବାନ ସାହୁ(୨୯)ଙ୍କୁ ୭ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟ ୧ ବର୍ଷ ୨ ମାସ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି।

୨୦୧୩ ଜୁଲାଇ ୩ରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନରଣଗଡ ଶାଖାରେ ଡକାୟତି ହୋଇଥିଲା। ଦୁର୍ବୃତ୍ତଙ୍କ ଗୁଳି ଓ ବୋମାମାଡ଼ରେ ଜଣେ କଲେଜ ଛାତ୍ର ଏବଂ ୪ ଜଣ ବ୍ୟାଙ୍କ କର୍ମଚାରୀ ଆହତ ହୋଇଥିଲେ। ବ୍ୟାଙ୍କରୁ ଦୁର୍ବୃତ୍ତମାନେ ୧୧ ଲକ୍ଷ ଟଙ୍କା ୮ ଶହ ପୁଡିଆ ସୁନା ଅଳଙ୍କାର (୫ କେଜିରୁ ଊର୍ଦ୍ଧ୍ୱ) ଲୁଟି ନେଇଥିବା ତତ୍କାଳୀନ ବ୍ୟାଙ୍କ ମ୍ୟାନେଜର ଲକ୍ଷ୍ମୀକାନ୍ତ ଦାସ ସୂଚନା ଦେଇଥିଲେ। କିନ୍ତୁ ପରଦିନ ୪ ତାରିଖରେ ବ୍ୟାଙ୍କରେ ଯାଞ୍ଚ ପରେ ମ୍ୟାନେଜର କହିଥିଲେ ଯେ, ବ୍ୟାଙ୍କରୁ ୭ ଲକ୍ଷ ୭୭ ହଜାର ୫ ଶହ ଟଙ୍କା ଏବଂ ୨୯୧ ପୁଡିଆ ସୁନା ଅଳଙ୍କାର ଲୁଟ୍ ହୋଇଛି। ଦଧିମାଛଗାଡିଆ ଛକଠାରେ ଦୁର୍ବୃତ୍ତମାନେ ୩ଟି ବ୍ୟାଗ ଛାଡିଯାଇଥିଲେ। ସେଥିରେ ୨ଲକ୍ଷ ୫୦ ହଜାର ଟଙ୍କା ଏବଂ ୧୮୧ ପୁଡିଆ ସୁନା ଅଳଙ୍କାର ଥିଲା। ବ୍ୟାଗରେ ଥିବା ସୁନା ଏବଂ ଟଙ୍କା ବ୍ୟାଙ୍କ କର୍ମଚାରୀ ଏବଂ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଗଣା ଯାଇଥିବା ସୂଚନା ଦେଇଥିଲେ। କିନ୍ତୁ ଥାନାରେ ୨୯୬ ପୁଡିଆ ସୁନା ଅଳଙ୍କାର ଲୁଟ୍ ହୋଇଥିବା ଏତଲା ଦେଇଥିଲେ। ଚୋରି ନେଇ ବ୍ୟାଙ୍କ ମ୍ୟାନେଜରଙ୍କ ଭିନ୍ନ ଭିନ୍ନ ମନ୍ତବ୍ୟ ସନ୍ଦେହ ସୃଷ୍ଟି କରିଥିଲା। ତତ୍କାଳୀନ ଏସ୍‌ପି ସୁନା ଜବତ ଘଟଣାରେ ଭିନ୍ନ ରିପୋର୍ଟ ଦେଇଥିଲେ। ଏହି ଘଟଣାରେ ୮ ଜଣଙ୍କ ସମ୍ପୃକ୍ତି ରହିଥିବାବେଳେ ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏ ନେଇ ନଂ. ୧୫୯/୧୩ରେ ମାମଲା ରୁଜୁ ହୋଇଥିଲା। ସେମାନଙ୍କ ମଧ୍ୟରେ ୨ ଜଣ ଜେଲରେ ଥିବାବେଳେ ୪ ଜଣ ଜାମିନରେ ଯାଇଥିଲେ। ଜେଲରେ ଥିବା ଦୁଇ ଅଭିଯୁକ୍ତ ଭଗବାନ ସାହୁ ଓ ଅର୍ଜୁନ କରଙ୍କୁ ୩୯୫ ଦଫାରେ ୭ ବର୍ଷ ଜେଲଦଣ୍ଡ ୩ ହଜାର ଟଙ୍କା ଜରିମାନା, ୪୫୪ ଦଫାରେ ୫ ହଜାର ଜରିମାନା, ୩୯୭ ଦଫାରେ ୩ ହଜାର ଜରିମାନା, ୩୦୭ ଦଫାରେ ୩ ହଜାର ଜରିମାନା, ୪୨୭ ଦଫାରେ ୧ ହଜାର ଜରିମାନା , ୨୫ ଆର୍ମସ ଆକ୍ଟରେ ୧ ହଜାର ଜରିମାନା, ୨୭ ଆର୍ମସ ଆକ୍ଟରେ ଦଫାରେ ୩ ହଜାର ଟଙ୍କା ଜରିମାନା ହୋଇଛି। ସରକାରୀ ଓକିଲ ବିଧାନ ଚନ୍ଦ୍ର ମହାନ୍ତି ମକଦ୍ଦମା ପରିଚାଳନା କରୁଥିଲେ।

■ ଦୁଇ ପରିବାର ଘରୁ ବାହାରିବାକୁ ବାଟ ନାହିଁ

# ରାସ୍ତାରେ ନିର୍ମାଣ ହୋଇଛି ପ୍ରାଚୀର

ଖୋର୍ଦ୍ଧା ଅଫିସ,୬।୪

**ମାପଚୁପ ପରେ ବି ମିଳୁନି ପ୍ରଶାସନର ସହଯୋଗ**

ଘରୁ ବାହାରିବାକୁ ବାଟ ନାହିଁ। ରାସ୍ତାରେ ନିର୍ମାଣ ହୋଇଛି ପ୍ରାଚୀର। ଫଳରେ ଖୋର୍ଦ୍ଧା ଆଦର୍ଶ ଥାନା ଗୁରୁଜଙ୍ଗ ଭୋଇସାହି (ସୂର୍ଯ୍ୟନଗର)ରେ ଦୁଇ ପରିବାର ପ୍ରାୟ ୧୦ ମାସ ଧରି ହଇରାଣ ହେଉଛନ୍ତି। ରାସ୍ତାରେ ଗଲେ ମାରପିଟ୍ ଓ ଆକ୍ରମଣ କରାଯାଉଛି। ରାସ୍ତାରେ ଯିବା ଆସିବା କରିବାକୁ ଖୋର୍ଦ୍ଧା ତହସିଲଦାର ଓ ଜିଲାପାଳଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳିନି। ବରଂ ଗତ ୧ ତାରିଖରେ ମଞ୍ଜୁଲତା ନାୟକ ଓ ସତ୍ୟ ନାୟକଙ୍କ ପରିବାର ଲୋକ ବିବାଦୀୟ ରାସ୍ତାରେ ଯାଉଥିବାବେଳେ ଜବରଦଖଲକାରୀ ବାବୁଲି ନାୟକଙ୍କ ସମେତ ୨୨ ଜଣ ମିଳିତ ହୋଇ ଠେଙ୍ଗା, ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ମଞ୍ଜୁଲତା, ସତ୍ୟ, ଶୋଭା ନାୟକ, ରୀତା ନାୟକ ପ୍ରମୁଖ ୪ ଜଣ ଗୁରୁତର ଆହତ ହୋଇଥିଲେ। ଆହତଙ୍କୁ ପ୍ରଥମେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ। ତେବେ ଶୋଭା ସାଢେ ୫ ମାସର ଗର୍ଭବତୀ ଥିଲେ ହେଁ ଆକ୍ରମଣକାରୀ ତାଙ୍କୁ ଛାଡି ନ ଥିଲେ। ମଞ୍ଜୁଲତାଙ୍କ ଅଭିଯୋଗକ୍ରମେ ପୋଲିସ ବାବୁଲିଙ୍କ ବିରୋଧରେ ନଂ. ୧୦୩/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଆକ୍ରମଣ ଘଟଣା ପରେ ଦୁଇ ପରିବାର ଲୋକ ଭୟଭୀତ ହୋଇ କାଳାତିପାତ କରୁଛନ୍ତି।

ଗୁରୁଜଙ୍ଗ ଭୋଇସାହିର ମଞ୍ଜୁଲତା ଓ ସତ୍ୟଙ୍କ ଅଭିଯୋଗ ଅନୁସାରେ, ଯିବା ଆସିବା କରିବାକୁ ନିଜ ଜମିରୁ ରାସ୍ତା ଛାଡିଛନ୍ତି। ତେବେ ରାସ୍ତା ପାଇଁ ଜମି ନ ଛାଡି ବାବୁଲି ତାକୁ ନିଜ ଜମି ଦର୍ଶାଇ ଅବରୋଧ କରି ରଖିଛନ୍ତି। ପରେ ରାସ୍ତା ଉପରେ ମାଟିଗଦା, ଖାଲ କରି, ପଥର ପ୍ରାଚୀର ଓ ନିଶୁଣି ରଖି ରାସ୍ତାରୋକୋ କରିଛନ୍ତି। ମାପଚୁପ ପରେ ରାସ୍ତାଟି ଆମ ଦୁଇ ପରିବାରର ଜମି ହୋଇଥିବାବେଳେ ବାବୁଲି ଅବରୋଧରୁ ହଟୁ ନାହାନ୍ତି। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲାପାଳ, ତହସିଲଦାର, ଆରଆଇଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ପଦକ୍ଷେପ ଶୂନ। ଏପରିକି ଉପଜିଲାପାଳଙ୍କ କୋର୍ଟରେ ବିବାଦୀୟ ରାସ୍ତାକୁ ନେଇ ୧୪୪ ଧାରା ଜାରି କରାଯାଇଥିଲେ ମଧ୍ୟ ସୁଫଳ ମିଳିନି ବୋଲି ଉଭୟେ କହିଛନ୍ତି।



ରାସ୍ତାକୁ ମାଟି ଓ ପଥର ପକାଇ ଅବରୋଧ କରାଯାଇଛି ।

■ ଭଗବାନପୁର କଣ୍ଡେଇ ମେଳଣ

# ପେଣ୍ଡାଲକୁ ଉଠି ନାଚିଲେ ଯୁବକ, ଯାତ୍ରା ପରିବେଷଣ ବନ୍ଦ

ପାତ୍ରପଡା,୬।୪(ଡି.ଏନ.ଏ.)

ତମାଣ୍ଡୋ ଥାନା ଅଧୀନ ଭଗବାନପୁର ଗାଁରେ କଣ୍ଢେଇ ମେଳଣ ଅବସରରେ ଯାତ୍ରା ପରିବେଷଣ ବେଳେ ପେଣ୍ଡାଲ ଉପରକୁ ଉଠି ଯୁବକମାନେ ନାଚିଥିଲେ। ଏହାକୁ କେନ୍ଦ୍ରପରି ଉତ୍ତେଜନା ପ୍ରକାଶ ପାଇବା ସହ ଶେଷରେ ଯାତ୍ରା ପରିବେଷଣକୁ ବନ୍ଦ ରଖାଯାଇଥିଲା। ଗାଁର ଉଭୟପକ୍ଷ ଘଟଣାର ଆପୋଷ ସମାଧାନ ପାଇଁ ସମ୍ମତ ହୋଇଥିବାବେଳେ ପୋଲିସ ପକ୍ଷରୁ ଆବଶ୍ୟକ ଫୋର୍ସ ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ଭଗବାନପୁର କଣ୍ଢେଇ ମେଳଣ ଉତ୍ସବ ଅବସରରେ ରାତିରେ ଯାତ୍ରା ପରିବେଷଣ ହେଉଥିବା ସମୟରେ କେତେଜଣ ଯୁବକ ପେଣ୍ଡାଲ ଉପରକୁ ଉଠି ନୃତ୍ୟ କରିଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏପରିକି ମେଳଣ ପଡିଆରେ ଦୁଇଗୋଷ୍ଠୀ ମଧ୍ୟରେ ହାତାହାତି ହୋଇଥିଲେ। ପୋଲିସ ସେଠାରେ ପହଞ୍ଚି ଉଭୟପକ୍ଷଙ୍କୁ ବୁଝାଶୁଝା କରିଥିଲା। ହେଲେ ପରିସ୍ଥିତି ଅଣାୟତ୍ତ ହେବାରୁ ଶେଷରେ ଯାତ୍ରା ପରିବେଷଣକୁ ସ୍ଥଗିତ ରଖାଯାଇଥିଲା। ଏ ନେଇ ଗାଁରେ ଉତ୍ତେଜନା ଦେଖାଦେଇଥିବାବେଳେ ଶନିବାର ସମସ୍ୟାର ସମାଧାନ ପାଇଁ ଗାଁର ମୁରବିମାନଙ୍କୁ ନେଇ ଏକ ବୈଠକ ଡକା ଯାଇଛି।



ବାସନ୍ତୀକ ଦୁର୍ଗା ପୂଜା ଓ ନବରାତ୍ର ଉତ୍ସବ ଉପଲକ୍ଷେ ଜଟଣୀ କୁଦିଆରୀସ୍ଥିତ ମା' ଜାଗୁଳାଈଙ୍କ ପୀଠରେ ଦ୍ୱିତୀୟ ଦିନରେ ମା'ଙ୍କର ବ୍ରହ୍ମଚାରିଣୀ ବେଶ।

# ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରାଇମେରୀରୁ ଇଞ୍ଜିନିୟରିଂ

ଖୋର୍ଦ୍ଧା ଅଫିସ,୬।୪:

**ନିର୍ବାଚନୀ ପରିକ୍ରମା**

ଚଳିତ ନିର୍ବାଚନରେ ମଇଦାନକୁ ଓହ୍ଲାଇଥିବା ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ପ୍ରାର୍ଥୀମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରାଇମେରୀରୁ ଆରମ୍ଭ ହୋଇ ବିଏସସିରେ ପହଞ୍ଚିଛି। ଖୋର୍ଦ୍ଧା ଜିଲା ବିଜେଡିରୁ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ବିଏସସି ପଢ଼ିଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ସ୍ୱର୍ଣ୍ଣଲତା ଖଣ୍ଡାୟତରାୟ ପ୍ରାଇମେରୀ ଓ ଭାଜପାରୁ କାଳୁ ଚରଣ ଖଣ୍ଡାୟତରାୟଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରାଇମେରୀ ରହିଛି। ସେହିଭଳି ସ୍ୱାଧୀନ ପ୍ରାର୍ଥୀ ମୋହିତ ରଞ୍ଜନ ବେହେରାଙ୍କର ଇଞ୍ଜିନିୟରିଂ,ସ୍ୱାଧୀନ ପ୍ରାର୍ଥୀ ଜିତେନ୍ଦ୍ର ପ୍ରଧାନଙ୍କର ଯୁକ୍ତ ୨, ସ୍ୱାଧୀନ ପ୍ରାର୍ଥୀ ଦିଲୀପ କୁମାର ବିଶ୍ୱାଳଙ୍କର ଯୁକ୍ତ ୩ କଳା, ସ୍ୱାଧୀନ ପ୍ରାର୍ଥୀ ଚିନ୍ତାମଣି ସାହୁଙ୍କର ଡିପ୍ଲୋମା, ସ୍ୱାଧୀନ ପ୍ରାର୍ଥୀ ପ୍ରିୟ ରଞ୍ଜନ ପାତ୍ର ବିଏସ୍‌ସି, କଂଗ୍ରେସରୁ ସ୍ୱାଗତିକା ପଟ୍ଟନାୟକଙ୍କର ବିଏ, ଜୟ ପ୍ରକାଶ ଜନତା ଦଳର ରିନାରାଣୀ ନାୟକ ଯୁକ୍ତ ୩ କଳା ଯାଏ ପାଠ ପଢିଥିବା ପ୍ରାର୍ଥିପତ୍ର ଦାଖଲରୁ ଜଣାପଡିଛି।

### ପାଣି ଗୋଳିଆ।

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ରାଜନୈତିକ ପାଣିପାଗ ଗୋଳିଆ ହେବାରେ ଲାଗିଛି। ଏଠାରେ ବିଜେଡି, ଭାଜପା ଓ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହେବାକୁ ଯାଉଛି। ସ୍ୱାଧୀନ ପ୍ରାର୍ଥୀ ହେଉଛନ୍ତି ଜିତେନ୍ଦ୍ର ପ୍ରଧାନ। ତେବେ ବିଜେଡିର ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଗତ ୨୦୧୪ ନିର୍ବାଚନରେ ଭାଜପାରୁ ଲଢି ୨ୟ ସ୍ଥାନରେ ଥିଲେ। ୨୦୧୯ ନିର୍ବାଚନରେ ଘର ବାହୁଡା ପରେ ଦଳୀୟ ଭୋଟ ସହ ଭାଜପାର ଭୋଟ ହାତେଇ ବିଜୟୀ ହେବାକୁ ଗୋଟି ଚାଳନା କରିବାରେ ଲାଗି ପଡିଛନ୍ତି। ଯଦି ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କ ସମର୍ଥନ ଠିକ୍‌ରେ ନ ମିଳେ ଜିତୁଙ୍କୁ ଜିତିବା କଷ୍ଟ ହୋଇପଡିବ। ସେପଟେ ଜିତେନ୍ଦ୍ର ବିଜେଡିର ଖୋର୍ଦ୍ଧା ସହରର ପୂର୍ବତନ ନଗର ସଭାପତି ଥିବାରୁ ବିଜେଡିର ଭୋଟ ସେ ଭାଗ କରି ବିଜୟୀ ହେବାକୁ ଉଦ୍ୟମ ଜାରି ରଖିଛନ୍ତି। ଭାଜପା ପ୍ରାର୍ଥୀ କାଳୁ ଖଣ୍ଡାୟତରାୟ ଭାଜପା ଭୋଟରେ ବିଜୟୀ ହେବାକୁ ଗୋଟି ଚାଳନା କରିଛନ୍ତି। ସେପଟେ ଭାଜପାରେ ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ କେତେଦୂର ମନେଇବାରେ କାଳୁ ସକ୍ଷମ ହେଉଛନ୍ତି ଦେଖିବାର ରହିଲା। ଏଠାରେ କଂଗ୍ରେସର ପ୍ରାର୍ଥୀ ହୋଇଛନ୍ତି ସ୍ୱାଗତିକା ପଟ୍ଟନାୟକ। ତେବେ ଦେଖାଯାଉ ସେ ଭୋଟରଙ୍କୁ କିଭଳି ଆପଣେଇ ପାରୁଛନ୍ତି।

### କଣ୍ଟା ହେବେ ସ୍ୱାଧୀନ ପ୍ରାର୍ଥୀ

ଜିଲାର ବେଗୁନିଆ, ଚିଲିକା, ଖୋର୍ଦ୍ଧା, ଜଟଣୀ ପରି ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ କଣ୍ଟା ସାଜିଛନ୍ତି। ଅନ୍ୟପକ୍ଷେ ଭାଜପା, ବିଜେଡିରେ ଅସନ୍ତୁଷ୍ଟ କର୍ମୀ ଓ ସମର୍ଥକଙ୍କ ସଂଖ୍ୟା ବଢ଼ି ଚାଲିଛି। ତେବେ ଏହି କର୍ମୀ ଓ ସମର୍ଥକ ଦଳରେ ରହି ପ୍ରାର୍ଥୀଙ୍କୁ ହରାଇବାକୁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ପ୍ରାର୍ଥୀ ହାରିଲେ କି ଜିତିଲେ ଅସୁବିଧା ନାହିଁ। କାରଣ କ୍ଷେତ୍ର ଏପରି ପ୍ରସ୍ତୁତ ଚାଲିଛି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ସହଜରେ ଏମାନଙ୍କର କାର୍ଯ୍ୟକଳାପ ଜାଣି ପାରିବନି।

### ଗଡ଼ ରକ୍ଷା କରିବା କଷ୍ଟ

ଖୋର୍ଦ୍ଧା ଜିଲାରେ ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ଏକାମ୍ର, ବେଗୁନିଆ, ଚିଲିକା, ଖୋର୍ଦ୍ଧା, ଜଟଣୀ ପରି ୮ଟି ନିର୍ବାଚନମଣ୍ଡଳୀ ରହିଛି । ଏଥିରୁ ଚିଲିକାରେ କେବଳ ଭାଜପା ଅଧୀନରେ ଥିବାବେଳେ ଅନ୍ୟ ୭ଟି ନିର୍ବାଚନମଣ୍ଡଳୀରେ ବିଜେଡି ଦଖଲରେ ଅଛି । ଭାଜପା ଦଖଲରେ ଥିବା ଚିଲିକା ନିର୍ବାଚନମଣ୍ଡଳୀରେ ପଦ୍ମ ଫୁଟିବ କି ନାହିଁ ଏବେଠାରୁ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି । ସେହିପରି ବିଜେଡି ଦଖଲରେ ଥିବା ୭ଟି ନିର୍ବାଚନମଣ୍ଡଳୀରେ ବିଜେଡି ଗଡରକ୍ଷା କରିବ କହିବା ମୁସ୍କିଲ। କାରଣ ବିଧାୟକ ପ୍ରାର୍ଥୀ ଚୟନକୁ ନେଇ ଦଳରେ ଅସନ୍ତୋଷ ବଢ଼ି ଚାଲିଛି।





ଅନ୍ଧକାର ଯେପରି ସଂସାରକୁ ଲୁଚାଇ ଦେଇଥାଏ, କାମନା ସେହିପରି ସତ୍ୟକୁ ଲୁଚାଇ ଦିଏ।

- ସେନେକା



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ବ୍ରହ୍ମଗିରି,୬।୪(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନେଇ ଶନିବାର ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ. ୪୫/୧୯)ରୁଜୁ କରି ସମ୍ପୃକ୍ତା ନାବାଳିକାଙ୍କ ଡାକ୍ତରୀମାଇନା କରାଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଥାନା ଅଞ୍ଚଳରେ ଜଣେ ୯ବର୍ଷର ନାବାଳିକାଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ଭାଇ ବଳାତ୍କାର କରିଥିଲେ। ଏହି ଘଟଣାକୁ ନିଜ ଭିତରେ ସମାଧାନ କରିବା ପାଇଁ ଉଦ୍ୟମ କରାଯାଇଥିଲା। କିନ୍ତୁ ତାହା ସମ୍ଭବ ନ ହେବାରୁ ସମ୍ପୃକ୍ତା ନାବାଳିକାଙ୍କ ପରିବାର ପକ୍ଷରୁ ଶନିବାର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

### ଭାଜପାରେ ମିଶିଲେ ଶତାଧିକ ବିଜେଡି କର୍ମୀ

ନିମାପଡ଼ା,୬।୪(ଡି.ଏନ୍.ଏ.): ନିମାପଡ଼ା ଭାଜପା ପକ୍ଷରୁ ଶନିବାର ଏକ ମିଶ୍ରଣ ସମାରୋହ ଦଳୀୟ କାର୍ଯ୍ୟାଳୟଠାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡା, ପୂର୍ବତନ ବିଧାୟକ ବେଣୁଧର ସେଠୀ, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ମଣ୍ଡଳ ସଭାପତି ମାନସ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ମିଶ୍ରଣ ସମାରୋହରେ ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅନ୍ତୁଆର ପଞ୍ଚାୟତର ବିଜୟ ପରିଡା, ପ୍ରଶାନ୍ତ ସ୍ୱାଇଁ, ସୁବାସ ସ୍ୱାଇଁ, ରାହାଙ୍ଗୋରଡା ପଞ୍ଚାୟତର ପ୍ରଭାକର ସାହୁ, ନକୁଳ ଭୋଇ, କୁଆଁପଡ଼ା ପଞ୍ଚାୟତର ଜନ୍ମେଶ୍ୱର ସେନାପତି, ବଣିଆସାହି ପଞ୍ଚାୟତର କୈଳାସ ମୁରୁଡି, ଗୋପ ପଞ୍ଚାୟତର ନାରାୟଣ ସେନାପତି, ସତ୍ୟରଞ୍ଜନ ବେହେରା, ସ୍ମୃତିରଞ୍ଜନ ସେନାପତି, ଦେବାଶିଷ ପରିମାଣିକ, ଏରବଙ୍ଗ ପଞ୍ଚାୟତର ପ୍ରଶାନ୍ତ ବାଘ, ଲକ୍ଷ୍ମଣ ତାଲୁକ, ଶୁଭ୍ରାଂଶୁ ରଥ, ରୁଦ୍ରନାରାୟଣ ରଥ, ଅଜୟ ପାଢ଼ୀଙ୍କ ସମେତ ଶତାଧିକ ବିଜେଡି କର୍ମୀ ଓ ନେତୃବୃନ୍ଦ ବିଜେଡି ଛାଡି ବିଧିବଦ୍ଧଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପାରେ ଯୋଗଦେବା ଘଟଣା ଆଗାମୀ ନିର୍ବାଚନରେ ନିମାପଡ଼ା ଆସନରେ ଭାଜପା ପ୍ରାର୍ଥୀ ବିଜୟୀ ହେବା ପାଇଁ ଏକ ଶୁଭ ସୂଚନା ବୋଲି ଭାଜପା ପ୍ରାର୍ଥୀ ପରିଡା କହିଛନ୍ତି।

### ଅଘୋର ଆଶ୍ରମରେ ବାସନ୍ତିକ ଦୁର୍ଗାପୂଜା

କୋଣାର୍କ,୬।୪(ଡି.ଏନ୍.ଏ.): କୋଣାର୍କ ଥାନା ନିକଟସ୍ଥ କୁରୁଜଙ୍ଗ ପଞ୍ଚାୟତର ଯମରା ଗ୍ରାମର ହାତିମଲା ନିକଟରେ ଥିବା ଅଘୋର ଆଶ୍ରମରେ ଚୈତ୍ରମାସ ଶୁକ୍ଳ ପ୍ରତିପଦା ଶନିବାରଠାରୁ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ପ୍ରାତଃରୁ ଘଟ ସ୍ଥାପନ କରାଯାଇ ମା'ଙ୍କ ପୂଜା କରାଯାଇଥିଲା। ଏହା ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଚାଲିବା ସହିତ ସେହିଦିନ ସପ୍ତସତୀ ଯଜ୍ଞ ଗୁରୁ ଗୀତା ଯଜ୍ଞ ଓ ପୂର୍ଣ୍ଣାହୁତି ହେବ ବୋଲି ଆଶ୍ରମର ପ୍ରତିଷ୍ଠାତା ବାବା ଚିନ୍ମୟରାମ କହିଛନ୍ତି। ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମା' ଭଗବତୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ରୋଚକ ସ୍ଥିତିରେ କାକଟପୁର ରାଜନୀତି

## ନାମାଙ୍କନ ଫର୍ମ ନେଇଛନ୍ତି ସୁର, ତୁଷାରକାନ୍ତି

ପୁରୀ ଅଫିସ,୬।୪

କାକଟପୁର ନିର୍ବାଚନମଣ୍ଡଳୀ ରାଜନୀତି ଏବେ ରୋଚକ ସ୍ଥିତିରେ ପହଞ୍ଚିଛି। ଭାଜପା ଟିକେଟ ପାଇ ବିଜେଡିରେ ମିଶିଥିବା ତୁଷାରକାନ୍ତି ବେହେରା ଏବଂ ବିଜେଡି ଟିକେଟ ପାଇଥିବା ସୁରେନ୍ଦ୍ର ସେଠୀଙ୍କ ମଧ୍ୟରେ ଚାଲିଛି ଛକାପଞ୍ଝା। କିଏ ବିଜେଡି ପ୍ରାର୍ଥୀ ହେବେ ସେନେଇ ଦ୍ୱନ୍ଦ୍ୱରେ ଦଳୀୟ କର୍ମୀ। ନବୀନ ନିବାସରେ ଚାଲିଥିବା ଖେଳକୁ କାକଟପୁରର ସାଧାରଣ ଜନତା ବୁଝିପାରୁନାହାନ୍ତି। କିନ୍ତୁ ତାଙ୍କ ଅଞ୍ଚଳର ଟିକେଟ କଳି ଯେ ଏବେ ଚର୍ଚ୍ଚାର ପ୍ରସଙ୍ଗ ତାହା ସେମାନେ ବୁଝିସାରିଛନ୍ତି। ଏଭଳି ସ୍ଥିତିରେ ସୁର ଏବଂ ତୁଷାରକାନ୍ତି ଆଡିଶନାଲ ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟରୁ ନାମାଙ୍କନ ଫର୍ମ ନେବା ଘଟଣା ପ୍ରସଙ୍ଗକୁ ଅଧିକ ଚର୍ଚ୍ଚାର ଖୋରାକ୍ ଯୋଗାଇଛି । ଜଗତ୍‌ସିଂହପୁର ଲୋକ ସଭା ଆସନ ଅଧୀନରେ ପୁରୀ ଜିଲାର ୨ଟି ବିଧାନସଭା ନିର୍ବାଚନମଣ୍ଡଳୀ କାକଟପୁର ଓ ନିମାପଡ଼ା ରହିଛି। ଗତ ୨ତାରିଖଠାରୁ ଏହି ୨ଟି ନିର୍ବାଚନମଣ୍ଡଳୀ ପାଇଁ ନାମାଙ୍କନ ଦାଖଲ ଚାଲିଥିବାବେଳେ ଆସନ୍ତା ୯ତାରିଖ ଶେଷ ଦିବସ। ୭ତାରିଖ ରବିବାର ପଡୁଥିବାରୁ କେବଳ ୮ ଓ ୯ ତାରିଖ ପ୍ରାର୍ଥୀପତ୍ର ଦାଖଲ କରାଯିବ। ମାତ୍ର ଏପର୍ଯ୍ୟନ୍ତ କାକଟପୁରର ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ପୂର୍ବରୁ ଦଳୀୟ ଟିକେଟ ପାଇଥିବା ସୁରଙ୍କୁ ୭ତାରିଖ ପର୍ଯ୍ୟନ୍ତ ଅଟକାଇ ରଖାଯାଇଥିବା କୁହାଯାଉଛି । ତେଣୁ ସେ ପ୍ରାର୍ଥୀପତ୍ର ଦାଖଲ କରିପାରିନାହାନ୍ତି। ତାଙ୍କ ଟିକେଟ ପରିବର୍ତ୍ତନ କରାଯାଇ ତୁଷାରକାନ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହେଉଛି। ଦୁହିଁଙ୍କ ମଧ୍ୟରୁ ଦଳର ମୁଖିଆ କାହାକୁ ସବୁଜ ସଙ୍କେତ ଦେଉଛନ୍ତି ତାହାକୁ ସମସ୍ତେ ଚାହିଁ ବସିଛନ୍ତି।

■ ସୋସିଆଲ ମିଡିଆରେ ଭାଇରାଲ

## ୮ରେ ପ୍ରାର୍ଥୀପତ୍ର ଦାଖଲ କରିବେ ତୁଷାରକାନ୍ତି

ପୁରୀ ଅଫିସ/କାକଟପୁର, ୬।୪ (ଡି.ଏନ.ଏ.)

କାକଟପୁର ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ କିଏ ହେବେ ତାକୁ ନେଇ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ଲାଗି ରହିଛି । ପୂର୍ବରୁ ଟିକେଟ ପାଇଥିବା ସୁରେନ୍ଦ୍ର ସେଠୀ ଏବଂ ପଦ୍ମରୁ ସମ୍ପର୍କ କାଟି ବିଜେଡିରେ ମିଶିଥିବା ତୁଷାରକାନ୍ତି ବେହେରାଙ୍କୁ ନେଇ ଛକା ପଞ୍ଝା ଚାଲିଥିବା ବେଳେ ଏଥିରେ ଟୁଇଷ୍ଟ ଆଣିଛି ସୋସିଆଲ ମିଡ଼ିଆ। ଶନିବାର ରାତିରେ କାକଟପୁର ଅଞ୍ଚଳରେ ତୁଷାରକାନ୍ତିଙ୍କ ସପକ୍ଷରେ ଏକ ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଆସନ୍ତା ୮ତାରିଖରେ ତୁଷାରକାନ୍ତିଙ୍କ ପ୍ରାର୍ଥୀପତ୍ର ଦାଖଲ ସମାବେଶ ହେବ ବୋଲି ଏଥିରେ ଦର୍ଶାଯାଇଛି। ସୋସିଆଲ ମିଡ଼ିଆରେ ଘୁରି ବୁଲୁଥିବା ଏହି ପୋଷ୍ଟ ଉପରେ ମା' ମଙ୍ଗଳାଙ୍କ ଫଟୋ ରହିଥିବାବେଳେ ତଳେ ନବୀନ ପଟ୍ଟନାୟକ ଏବଂ ତୁଷାରକାନ୍ତିଙ୍କ ଫଟୋ ରହିଛି। ଏଥିସହ ବିଜେଡି ଚିହ୍ନ ମଧ୍ୟ ସ୍ଥାନ ପାଇଛି। ୮ତାରିଖ ସକାଳ ୧୦ଟାରେ ପ୍ରାର୍ଥୀପତ୍ର ଦାଖଲ ସମାବେଶ ହେବ ଏବଂ ଏଥିରେ ତୁଷାକାନ୍ତିଙ୍କୁ ପ୍ରାର୍ଥୀ ଭାବେ ଉପସ୍ଥାପିତ କରାଯାଇଛି। ସୋସିଆଲ ମିଡ଼ିଆରେ ଏହି ପୋଷ୍ଟକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ଏହାର ସତ୍ୟତା କେତେ ତାହା ବିଜେଡି ପକ୍ଷରୁ ବିଧିବଦ୍ଧ ଭାବେ ଆଉଥରେ ପ୍ରାର୍ଥୀ ଘୋଷଣା ପରେ ହିଁ ସ୍ପଷ୍ଟ ହେବ।




ପୁରୀଠାରେ ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ନିର୍ବାଚନ ପରିଚାଳନା ବ୍ୟବସ୍ଥା ନେଇ ସମୀକ୍ଷା

ପୁରୀ ଅଫିସ,୬।୪

ସ୍ଥାନୀୟ ସର୍କିଟ ହାଉସ୍‌ରେ ଶନିବାର ନିର୍ବାଚନ ସଂକ୍ରାନ୍ତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲା ନିମନ୍ତେ ନିଯୁକ୍ତ ନିର୍ବାଚନ ପର୍ଯ୍ୟବେକ୍ଷକ ଦିଲୀପ ଜୱାଲକର ନିର୍ବାଚନ କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କରେ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଏବଂ ଏସ୍‌ପି ଉମାଶଙ୍କର ଦାଶଙ୍କ ସହ ଆଲୋଚନା କରିଛନ୍ତି ।

ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ଓ ଏହା ଅନ୍ତର୍ଗତ ପୁରୀ, ବ୍ରହ୍ମଗିରି, ପିପିଲି ଏବଂ ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆସନ୍ତା ୨୩ ତାରିଖରେ ଭୋଟ ଗ୍ରହଣ ହେବ। ନିମାପଡ଼ା ଏବଂ କାକଟପୁର ନିର୍ବାଚନ ମଣ୍ଡଳୀ ଲାଗି ଆସନ୍ତା ୨୯ରେ ମତଦାନ ହେବ । ନିର୍ବାଚନ ପରିଚାଳନା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଜିଲାପାଳ କହିଥିଲେ, ପୁରୀ ଜିଲାରେ ଶତକଡ଼ା ୯୭ଭାଗ ମତଦାତାଙ୍କୁ ଭୋଟର ପରିଚୟପତ୍ର ଦିଆଯାଇଛି। ଜିଲାରେ ୧୫୯୩ ପୋଲିଂ ବୁଥ୍ ରହିଛି ଏବଂ ବୁଥ୍‌ଗୁଡ଼ିକରେ ପାନୀୟଜଳ, ବିଦ୍ୟୁତ୍, ର୍ୟାମ୍ପ ଆଦି ବ୍ୟବସ୍ଥା କରାଯାଇଛି। ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଜିଲାରେ ପ୍ରାୟ ୨୦ ହଜାର ଦିବ୍ୟାଙ୍ଗ ଭୋଟର ଚିହ୍ନଟ ହୋଇଛନ୍ତି। ସାଧାରଣ ଭୋଟର ଏବଂ ଦିବ୍ୟାଙ୍ଗ ଭୋଟରଙ୍କୁ ନିର୍ବାଚନ ସମ୍ପର୍କରେ ସଚେତନ କରିବା ଲାଗି କାର୍ଯ୍ୟକ୍ରମ କରାଯାଉଛି। ନିର୍ବାଚନ ପରିଚାଳନା ପାଇଁ ପ୍ରିଜାଇଡିଂ ଅଫିସର, ସେକ୍ଟର ଅଫିସରଙ୍କୁ ତାଲିମ ଦିଆଯାଇଛି। ନିର୍ବାଚନ କାର୍ଯ୍ୟରେ ୧୨,୬୮୮ ପୋଲିଂ କର୍ମଚାରୀ ଓ ୧୮୨ ଜଣ ସେକ୍ଟର ଅଫିସରଙ୍କୁ ନିଯୁକ୍ତ କରାଯାଇଛି । ୧,୭୦୦ ମହିଳା କର୍ମଚାରୀ ଓ ୮୫ ଜଣ ମାଇକ୍ରୋ ଅବ୍‌ଜରଭରଙ୍କୁ ନିୟୋଜିତ କରାଯାଉଛି। ଆଇନ ଶୃଙ୍ଖଳା ପରିସ୍ଥିତି, ସମ୍ବେଦନଶୀଳ ବୁଥ୍ ଏବଂ ଅସୁରକ୍ଷିତ ଅଞ୍ଚଳରେ ପୋଲିସ ମୁତୟନ ଓ ସ୍ୱତନ୍ତ୍ର ବ୍ୟବସ୍ଥା ବିଷୟରେ ଏସ୍‌ପି ତଥ୍ୟ ରଖିଥିଲେ । ଜିଲାର ବିଭିନ୍ନ ସ୍ଥାନରେ ଫ୍ଲାଇଂ ସ୍କ୍ୱାଡ୍ ଯାଞ୍ଚ କରି ବେଆଇନ ଅର୍ଥ ଓ ମଦ ଜବତ କରୁଛନ୍ତି ବୋଲି ବୈଠକରେ ସୂଚନା ଦିଆଯାଇଥିଲା ।

ଅନ୍ୟମାନଙ୍କ ମଧ୍ୟରେ ପୋଲିସ ପର୍ଯ୍ୟବେକ୍ଷକ ଡ. ଶ୍ୟାମଳ ପ୍ରସାଦ ସାଇକିଆ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ହରିଶ ଚନ୍ଦ୍ର ନାୟକ, ବାଣିଜ୍ୟକର ଯୁଗ୍ମ କମିଶନର ସଦାଶିବ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରେନ୍ଦ୍ର ନନ୍ଦ, ଡେପୁଟି କଲେକ୍ଟର ନିର୍ବାଚନ ସୁମନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାର୍ଥୀପତ୍ର ଦାଖଲ କଲେ ବିଶ୍ୱଭୂଷଣ

ପୁରୀ ଅଫିସ,୬।୪

ପୁରୀ ଜିଲାର କାକଟପୁର ଓ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଗତ ୨ ତାରିଖରୁ ନାମାଙ୍କନ ଦାଖଲ ଆରମ୍ଭ ହୋଇଛି। ଶନିବାର କାକଟପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅପରାହ୍ନ ପ୍ରାୟ ୨ଟା ୨୦ରେ ଦଳୀୟ କର୍ମୀଙ୍କ ସହ ଶୋଭାଯାତ୍ରାରେ ଆସିଥିଲେ ବିଶ୍ୱଭୂଷଣ । ଟାଉନ ହଲ୍ ଛକ ନିକଟରେ ତାଙ୍କ ଶୋଭାଯାତ୍ରାକୁ ପୋଲିସ ରୋକିବାରୁ ସମର୍ଥକଙ୍କ ସହ ଚାଲି ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ରିଟର୍ନିଂ ଅଫିସର ତଥା ଆଡିଶନାଲ ସବ୍‌କଲେକ୍ଟର ନିହାରିକା ନାୟକଙ୍କ ପ୍ରକୋଷ୍ଠକୁ ୪ ଜଣଙ୍କ ସହ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ବିଶ୍ୱଭୂଷଣ। ନାମାଙ୍କନପତ୍ର ଦାଖଲ ପରେ ସେ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁ ସବୁ ଯୋଜନା କରିଛନ୍ତି ତାହା ତୃଣମୂଳସ୍ତରର ଲୋକଙ୍କ ପାଖରେ ପହଞ୍ଚୁନାହିଁ । କାକଟପୁରବାସୀ ଏହା ବୁଝିସାରିଲେଣି। ବିଜେଡି ଏବଂ ଭାଜପା ମଧ୍ୟରେ ଟିକେଟକୁ ନେଇ କସରତ ଚାଲିଛି। ନିର୍ବାଚନରେ ଉଭୟ ଦଳ ପଇସା ଦେଇ ଲୋକଙ୍କ ମୁଣ୍ଡ କିଣିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ କାକଟପୁର ଜନସାଧାରଣଙ୍କୁ ସେମାନେ ପ୍ରଭାବିତ କରିପାରିବେନାହିଁ।



କଂଗ୍ରେସ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

### ପେସାରେ ଚାଷୀ

ବିଶ୍ୱଭୂଷଣ ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ତାଙ୍କ ଶିକ୍ଷାଗତ ଯୋଗ୍ୟତା ବିଏ, ଏଲ୍ଏଲ୍‌ବି। ତାଙ୍କର ପେସା ହେଉଛି ଚାଷ। କମ୍ପାନୀ ଚାକିରି କରିଛନ୍ତି ସ୍ତ୍ରୀ। ନିଜସ୍ୱ ଏବଂ ଭାଗଚାଷରୁ ବାର୍ଷିକ ୬୦ହଜାର ଟଙ୍କା ରୋଜଗାର ହୁଏ। ଏହା ତାଙ୍କ ଆୟର ଉତ୍ସ।

## ମିଳିନି ପଟ୍ଟା: ଭୋଟ ବର୍ଜନ ଚେତାବନୀ

ପୁରୀ ଅଫିସ,୬।୪

ବଳିଆପଣ୍ଡା ବସ୍ତିବାସିନ୍ଦାଙ୍କୁ ଏ ପର୍ଯ୍ୟନ୍ତ ପଟ୍ଟା ମିଳିନାହିଁ। ତେଣୁ ସେମାନେ ଆସନ୍ତା ସାଧାରଣ ନିର୍ବାଚନ ବର୍ଜନ କରିବେ। ପଟ୍ଟା ନ ମିଳିବା ପର୍ଯ୍ୟନ୍ତ କୌଣସି ନେତାଙ୍କୁ ବସ୍ତିରେ ପୂରାଇ ଦିଆଯିବନାହିଁ ବୋଲି ବଳିଆପଣ୍ଡାର ଜନମଙ୍ଗଳ ବସ୍ତି ବିକାଶ ସମିତିର ସଦସ୍ୟ ମନୋଜ କୁମାର ମଣ୍ଡଳ କହିଛନ୍ତି । ଓଡ଼ିଶା ସରକାରଙ୍କ ବସ୍ତିବାସିନ୍ଦା ଭୂମି ଅଧିକାର ଅଧିନିୟମ–୨୦୧୭ରୁ ବଳିଆପଣ୍ଡା ବସ୍ତିକୁ ବାଦ୍ ଦିଆଯାଇଛି। ଦୀର୍ଘ ୩୦/୩୫ ବର୍ଷ ଧରି ବସ୍ତିରେ ବହୁ ଲୋକ ଘର କରି ସପରିବାର ରହୁଛନ୍ତି। ସହରର ବିଭିନ୍ନ ସ୍ଥାନରେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ସେମାନଙ୍କର ଅନ୍ୟ କୌଣସି ଜାଗାରେ ସ୍ଥାୟୀ ବାସଗୃହ ନାହିଁ। ସ୍ଥାୟୀ ପଟ୍ଟା ନ ଥିବାରୁ ସେମାନଙ୍କ ପିଲାଙ୍କୁ ତହସିଲରୁ ସାର୍ଟିଫିକେଟ ମିଳୁନାହିଁ । ଏ ନେଇ ବାରମ୍ବାର ପ୍ରଶାସନକୁ ଜଣାଇବା ପରେ ବସ୍ତିର ସର୍ଭେ କାମ ସମ୍ପୂର୍ଣ୍ଣ ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ପଟ୍ଟ ଦିଆଯାଇନାହିଁ। ତେଣୁ ଏଥର ବସ୍ତିବାସିନ୍ଦା ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମନୋଜ ପ୍ରକାଶ କରିଛନ୍ତି।

## ପିପିଲିରେ ଜାଗୃତି ମହୋତ୍ସବ ଉଦ୍‌ଘାଟିତ

ପିପିଲି,୬।୪(ଡି.ଏନ୍.ଏ.)

ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନ ପକ୍ଷରୁ ଶନିବାର ପିପିଲି ହନୁମାନ ମନ୍ଦିର ପ୍ରାଙ୍ଗଣରେ 'ଜାଗୃତି ମହୋତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପଣ୍ଡିତ ଜିତୁ ଦାସ, ମୁଖ୍ୟ ବକ୍ତାଭାବେ ଡ. ଧିରେନ୍ଦ୍ର ନନ୍ଦ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ସାମାଜିକ କର୍ମୀ ସତ୍ୟଜିତ ରାୟ ଚୌଧୁରୀ, ଶିକ୍ଷାବିତ୍ ରାଜୀବ କୁମାର ପଣ୍ଡା, ପିପିଲି ଥାନା ଆଇଆଇସି ଶରତ କୁମାର ସାହୁ, କଳାକାର ପାର୍ଥସାରଥି ରାୟ, ମନୋଜ ପ୍ରଧାନ, ଅଧ୍ୟାପକ ସଚ୍ଚିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ସଭାପତି ପ୍ରଭାତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ନାଜିଆ ଆଲାମ, ଅଭିନେତା ସମ୍ବିତ ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ସୁରେନ୍ଦ୍ର ମହାପାତ୍ର, ରମେଶ ମହାପାତ୍ର, ପଦ୍ମଲୋଚନ ପ୍ରଧାନ, ଅଶୋକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ ୩ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ମାଡ଼ ଘଟଣା

## ମାସକ ପରେ ପୋଲିସର ତଦନ୍ତ ଆରମ୍ଭ

ଗୋପ,୬।୪(ଡି.ଏନ୍.ଏ.)

ଗୋପ ଶିକ୍ଷା ବିଭାଗ ଅଧୀନସ୍ଥ ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ତିନି ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ମାଡ଼ ଘଟଣାର ଏକ ମାସ ପରେ ଗୋପ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ମାଟ୍ରିକ୍ ପରୀକ୍ଷାର ଶେଷ ଦିନରେ ସାମାଜିକ ବିଜ୍ଞାନ ପରୀକ୍ଷା ଥିବାବେଳେ ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠ ବେଗୁନିଆଁର ଛାତ୍ର ନିହାର ରଞ୍ଜନ ସେଠୀ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରୁଥିବା ବେଳେ ସେଣ୍ଟରର ସୁପରିଟେଣ୍ଡେଣ୍ଟ ତଥା ପ୍ରଧାନଶିକ୍ଷକ ତାଙ୍କୁ ଅଟକାଇ କପି ଚେକ୍ କରିଥିଲେ। ନିହାରଙ୍କ ଠାରୁ କପି ନ ମିଳିବାରୁ ଉଲଗ୍ନ କରି ମାଡ଼ ମାରିଥିଲେ। ଏହି ଘଟଣାରେ ଅଭିଭାବକମାନେ ଜାତିଗତ ଆକ୍ଷେପ କରିଥିବା ନିହାରଙ୍କ ବାପା ରବି ସେଠୀ ଗୋପ ଥାନାରେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଉକ୍ତ ବିଦ୍ୟାପୀଠର ଅନ୍ୟ ଦୁଇ ଛାତ୍ର ଆଶିଷ ବେହେରା, କାର୍ତ୍ତିକ ମହାପାତ୍ରଙ୍କୁ ଅନୁରୂପ ଭାବେ ମାଡ଼ ମରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ମାଡ଼ ମାରିଥିବା ସ୍କୁଲର ପରିଚାଳକ ପରୀକ୍ଷାର୍ଥୀଙ୍କ ଅଭିଭାବକମାନଙ୍କୁ କରାୟତ କରି ଏହି ଘଟଣାକୁ ଚାପି ଦିଆଯାଇଥିଲା। ଏହାସହ ଗୋପ ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ଗୁପ୍ତରେ ସ୍କୁଲ ପରିଚାଳକଙ୍କ ସପକ୍ଷରେ ତଦନ୍ତ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ଦେଇଥିବା ଜଣାପଡ଼ିଥିଲା। ପରେ ଏହି ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଳମ୍ବରେ ପ୍ରଶାସନ ଓ ବିଭିନ୍ନ ବିଭାଗ ପକ୍ଷରୁ ମାଡ଼ ଘଟଣାକୁ ନେଇ ଗୋପ ଥାନାକୁ ତଦନ୍ତ ନିର୍ଦ୍ଦେଶ ଆସିଥିଲା। ନିର୍ଦ୍ଦେଶ ପାଇବା ପରେ ଏବେ ଦୁଇଦିନ ହେବ ପୋଲିସ ମାଡ଼ ମାରିଥିବା ସ୍କୁଲ ପରିଚାଳକଙ୍କୁ ଥାନାକୁ ଡାକି ପଚରାଉଚରା କରୁଛି। ସେହି ସମୟରେ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଏହାକୁ ଅସ୍ୱୀକାର କରିଥିବାବେଳେ ଏବେ ତଦନ୍ତ ନିର୍ଦ୍ଦେଶ ପରେ ପରିଚାଳକ ଜଣକ ହରଡ଼ଘଣାରେ ପଡ଼ିଥିବା ଭଳି ସମସ୍ୟା ଉପୁଜିଛି। ଏ ସମ୍ପର୍କରେ ଗୋପ ଥାନା ତଦନ୍ତ ଅଧିକାରୀ ସୌମ୍ୟଚିତ୍ ମିଶ୍ର କୁହନ୍ତି, ଘଟଣାର ଏବେ ତଦନ୍ତ ଚାଲିଛି। ରିପୋର୍ଟ ଆସିବା ପରେ ସମ୍ପୂର୍ଣ୍ଣ ମତାମତ ଦେବେ ବୋଲି ସେ କହିଥିଲେ।

## ଭାରତୀୟ ସଂସ୍କୃତିର ପରିଚୟ ରାଷ୍ଟ୍ରୀୟ ନବବର୍ଷ

ପୁରୀ ଅଫିସ, ୬।୪

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ଆନୁକୂଲ୍ୟରେ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚରେ ଶନିବାର ପବିତ୍ର ଚୈତ୍ର ଶୁକ୍ଳ ପ୍ରତିପଦା ଅବସରରେ ରାଷ୍ଟ୍ରୀୟ ନବବର୍ଷ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ତଥା ବରିଷ୍ଠ ସେବାୟତ ବୈଦ୍ୟନାଥ ସୁଆରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିହାରସ୍ଥ ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚର ଅଖିଳ ଭାରତୀୟ ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦା ପ୍ରସାଦ ପାଣିଗ୍ରାହୀ ରାଷ୍ଟ୍ରୀୟ ନବବର୍ଷର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ ଯେ, ଭାରତବର୍ଷ ହେଉଛି ତ୍ୟାଗର ଭୂମି। ଏହାର ସଂସ୍କୃତି ପରମ୍ପରାର ସ୍ୱତନ୍ତ୍ରତା ରହିଛି। ପ୍ରାଚୀନ କାଳରୁ ଏହା ବିଶ୍ୱକୁ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇ ଆସିଛି। ରାଷ୍ଟ୍ରୀୟ ନବବର୍ଷ ଭାରତୀୟ ସଂସ୍କୃତିର ପରିଚୟ ବହନ କରେ। ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ସଂଘ ଚାଳକ ମନୋରଞ୍ଜନ ସାହୁ, ଉତ୍କଳ ପୂର୍ବ ପ୍ରାନ୍ତ ସଦସ୍ୟ ଶିକ୍ଷାବିତ୍ ରାଜକିଶୋର ସାହୁ, ଉମାଶଙ୍କର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଆର୍‌ଏସ୍‌ଏସ୍‌ର ବରିଷ୍ଠ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ହରିହର ନନ୍ଦ ଓ ଶହୀଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସମିତି ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। ବାମଦେବ ନାୟକ ସଭା ଏବଂ ବିକାଶ ଦତ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସମର୍ପଣ, ଶାନ୍ତି, ସଖା, ସାହିଭାଇ, ହୋପ ଇଜ୍ ଲାଇଫ, ଜନ ଜାଗରଣ ମଞ୍ଚ ପ୍ରଭୃତି ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା।

ସାଂସ୍କୃତିକ କାର୍ଯ୍ୟକ୍ରମରେ ଝଲସି ଉଠିଥିଲା ମୁକ୍ତାକାଶ ରଙ୍ଗମଞ୍ଚ। ଶିଶୁ କଣ୍ଠଶିଳ୍ପୀ ଦର୍ଶନା କର ଓ ସାଥୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଗଞ୍ଜାମ ବ୍ରହ୍ମପୁରର ସଂସ୍କୃତି ଭବନମ୍ ପକ୍ଷରୁ ଭାରତ ନାଟ୍ୟମ୍ ଓ କୁଚିପୁଡି, ନବପ୍ରତିଭା ପକ୍ଷରୁ ଶ୍ରୀକୃଷ୍ଣ ରାସ, ଅନନ୍ୟା କଳାମନ୍ଦିରର କୁନି କୁନି ନୃତ୍ୟଶିଳ୍ପୀମାନେ ଓଡ଼ିଶୀ, କୃଷ୍ଣମଣି ନୃତ୍ୟପୀଠ ପକ୍ଷରୁ ଭଜନ ନୃତ୍ୟ ତଥା ଡିଭାଇନ୍ ଲାଇଫ ସ୍ପିରିଟ୍ ମାଲଖମ୍ବ ଗ୍ରୁପ୍ ପକ୍ଷରୁ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମାଲଖମ୍ବ କୁଇନ ଶ୍ରୀଲତା ରାୟ ପୋଲ ମାଲଖମ୍ବ, ଶିଳ୍ପୀ ଏଣ୍ଟରଟେନମେଣ୍ଟ ପକ୍ଷରୁ ଓଡ଼ିଶୀ, ମନୋଜ ବନାଟି ଗ୍ରୁପ୍ ପକ୍ଷରୁ ବନାଟି, ଘୋଡାବଜାର, ହରଚଣ୍ଡୀ ସାହି, ମଧୁବନ ଓ ମାରୁତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଦ୍ୟାର୍ଥୀମାନେ ଓଡ଼ିଶୀ, ପିରାମିଡ୍ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏଥିସହିତ ସୁବାରଶ୍ମି ପ୍ରିୟଦର୍ଶିନୀ ଏକକ ଅଭିନୟ ନବ ଦୁର୍ଗା, ରାଧେଶ୍ୟାମ ତରାଇ ଭାରତନାଟ୍ୟମ୍ ପରିବେଷଣ କରିଥିଲେ।



ମୁକ୍ତାକାଶ ରଙ୍ଗମଞ୍ଚରେ ନୃତ୍ୟ ପ୍ରଦର୍ଶନ କରୁଥିବା କଳାକାରମାନେ।

ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ପୁରୀ ନଗର ପକ୍ଷରୁ ଶରଧାବାଲିଠାରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ସଂଘ ପ୍ରତିଷ୍ଠାତା ଡ. କେଶବ ବଳିରାମ ହେଡଗେୱାରଙ୍କୁ ଆଦ୍ୟ ସରସଂଘ ଚାଳକ ପ୍ରଣାମ ଦିଆଯାଇଥିଲା। ଆର୍‌ଏସ୍‌ଏସ୍‌ର ବରିଷ୍ଠ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ହରିହର ନନ୍ଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଶତାଧିକ ସ୍ୱୟଂସେବକ ଶାରୀରିକ କୌଶଳ ପ୍ରଦର୍ଶନ କରିଥିଲେ। ନଗର କାର୍ଯ୍ୟବାହ ସର୍ବେଶ୍ୱର ବିଶୋଇଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସାମାଜିକ ସମରସତ୍ତା ଉତ୍କଳ ପୂର୍ବ ପ୍ରାନ୍ତ ସଂଯୋଜକ ଘନଶ୍ୟାମ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ଦେଶ ପ୍ରତି ସମସ୍ତଙ୍କର ଦାୟିତ୍ୱ ରହିଛି। ସାମାଜିକ ଅନୁଷ୍ଠାନ ସାହିଭାଇ ନୀଳାଚଳ ସାଂସ୍କୃତିକ ପରିଷଦ ପକ୍ଷରୁ ରାଷ୍ଟ୍ରର କଲ୍ୟାଣ ଲାଗି ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶହୀଦଙ୍କ ସ୍ତୁତିଚାରଣ କରାଯାଇଥିଲା।


